
# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୭ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 December 2024 Vol.No. 35 ■ No.325 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



# ସମୃଦ୍ଧ ଓଡ଼ିଶା ପାଇଁ ଏକ ନୂତନ ଯୁଗର ଅୟମାରମ୍ଭ

## ଟ.୬୪୦୦ କୋଟିରୁ ଅଧିକ ମୂଲ୍ୟ ବିକାଶମୂଳକ ପ୍ରକଳ୍ପର

### ଭିତ୍ତିପ୍ରସ୍ତର ସ୍ଥାପନ

### ୩ଗୋଟି ନୂତନ ରେଳ ଲାଇନର

ବାଙ୍ଗିରିପୋଷି-ଗୋରୁମହିଷାଣୀ

ବୁଢ଼ାମରା-ଚାକୁଲିଆ

ବାଦାମପାହାଡ଼-କେନ୍ଦୁଝରଗଡ଼

ଏବଂ

ଜନଜାତି ଗବେଷଣା ଏବଂ ବିକାଶ କେନ୍ଦ୍ର ରାଇରଙ୍ଗପୁର

ଦଣ୍ଡାବୋଷ ବିମାନବନ୍ଦର ରାଇରଙ୍ଗପୁର
(ଭିଡିଓ କନ୍‌ଫରେନ୍ସିଂ ଜରିଆରେ)

ଉପମଣ୍ଡଳୀୟ ଚିକିତ୍ସାଳୟ ରାଇରଙ୍ଗପୁର

କରିବେ

# ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

## ଭାରତର ମହାମହିମ ରାଷ୍ଟ୍ରପତି

୦୭ ଡିସେମ୍ବର, ୨୦୨୪ | ବାଙ୍ଗିରିପୋଷି, ଓଡ଼ିଶା

### ସୁବିଧାସମୂହ

**ନୂତନ ରେଳ ଲାଇନ୍ ସମୂହ**
- ଅଞ୍ଚଳର ବିକାଶ ସହିତ ଅଧିକ ନିଯୁକ୍ତି ସୁବିଧା
- ଓଡ଼ିଶାର ମୟୂରଭଞ୍ଜ ଏବଂ କେନ୍ଦୁଝରଗଡ଼ ଜିଲ୍ଲା ମଧ୍ୟରେ ସଂଯୋଗୀକରଣକୁ ପ୍ରୋତ୍ସାହନ
- ଖଣିଜ ଦ୍ରବ୍ୟ ସମୃଦ୍ଧ ଅଞ୍ଚଳରୁ କଞ୍ଚାମାଲର ସୁଗମ ପରିବହନ

**ଦଣ୍ଡବୋଷ ବିମାନ ବନ୍ଦର**
- ଭାରତ ସରକାରଙ୍କ 'ଉଡ଼େ ଦେଶ କା ନାଗରିକ' (ୟୁଡିଏଏନ୍) ଯୋଜନା ଦ୍ୱାରା ସ୍ଥାନୀୟ ଆକାଶପଥର ସଂଯୋଗୀକରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ
- ଅର୍ଥନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଅଗ୍ରାଧିକାର

**ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର**
- ଆଦିବାସୀ ଜୀବନଶୈଳୀ, ବ୍ୟବହାର, ଜୀବନ ଓ ଜୀବିକା, ଐତିହ୍ୟ ଏବଂ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଗବେଷଣା ଅଧ୍ୟୟନକୁ ଶାଣିତ, ମାନସମନ୍ୱୟନ ଏବଂ ବିଚାରବିମର୍ଶକୁ ପ୍ରୋତ୍ସାହନ
- ବୈଷୟିକ ଜ୍ଞାନକୌଶଳ ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ଏକ ଦକ୍ଷତା ପ୍ରଶିକ୍ଷଣ ଏବଂ ଉଦ୍ୟୋଗୀ ବିକାଶ ହବ୍ ଭାବେ କାର୍ଯ୍ୟ କରିବ

**ଉପମଣ୍ଡଳୀୟ ଚିକିତ୍ସାଳୟ**
- ସ୍ୱାସ୍ଥ୍ୟସେବାର ପରିସରକୁ ବୃଦ୍ଧି
- ଅତ୍ୟାଧୁନିକ ଏବଂ ବିକଶିତ ସ୍ୱାସ୍ଥ୍ୟସେବା ସୁବିଧାରେ ସୁଧାର

### ସଦୟ ଉପସ୍ଥିତି

**ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ ତଥା ସୂଚନା ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ମନ୍ତ୍ରୀ

**ଜୁଏଲ ଓରାମ୍**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର**
ଗୃହ ଏବଂ ସହରୀ ବିକାଶ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ, ଓଡ଼ିଶା ସରକାର

**ଗଣେଶ ରାମ ସିଂଖୁଣ୍ଟିଆ**
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଓଡ଼ିଶା ସରକାର

**ମମତା ମହାନ୍ତ**
ସାଂସଦ, ରାଜ୍ୟ ସଭା

**ନବ ଚରଣ ମାଝୀ**
ସାଂସଦ, ଲୋକ ସଭା

**ସଞ୍ଜଲି ମୁର୍ମୁ**
ବିଧାୟକ, ବାଙ୍ଗିରିପୋଷି



କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ DD NEWS ରେ

ଆମକୁ ଅନୁସରଣ କରନ୍ତୁ: /RailMinIndia

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ତାଲିମ ଶିବିର

କେନ୍ଦ୍ରାପଡ଼ା, ୦୬/୧୨ (ନି.ପ୍ର): କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧିନରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ତିନୋଟି ପର୍ଯ୍ୟାୟରେ ତିନିଶହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉଚ୍ଚ ପ୍ରାଥମିକ ବର୍ଗର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିର ଏକକାଳୀନ ଦୁଇଟି ଲେଖାଏଁ କ୍ୟାମ୍ପ କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ଉଦ୍‌ଘାଟନ କରିଥିଲେ, କେନ୍ଦ୍ରାପଡ଼ାର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବନାରାୟଣ ନାୟକ ଓ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ହିରଣ୍ୟ ବାରିକ ଉପସ୍ଥିତ ଥିଲେ ଏବଂ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଯାପିତ ହୋଇଛି । ଏହି ଦୁଇଟି କ୍ୟାମ୍ପରେ ସମ୍ବଳ ଶିକ୍ଷକ(ଆର୍‌ପି) ଭାବରେ ଅନନ୍ତ କୁମାର ପରିଡ଼ା, ବିଷ୍ଣୁଚରଣ ସାମଲ, ଦେବେନ୍ଦ୍ର ନାୟକ, ପ୍ରଦୀପ୍ତ ଶତପଥୀ, ଅସଗର ଅଲ୍ଲୀ, ଶ୍ରୀଧର ବେହେରା, ଶ୍ରୀଧର ସାହୁ ଓ ବୈଲୋଚନ ସାମଲ ପ୍ରମୁଖ କାର୍ଯ୍ୟରତ ଥିଲେ ଓ ସହଯୋଗ କରିଥିଲେ କିଶୋର ଚନ୍ଦ୍ର ଜେନା, ଅଚ୍ୟୁତାନନ୍ଦ ସାମଲ, ଏମ୍‌ଡି ଗୟାସୁଦ୍ଦିନ । ଶେଷଦିନରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ବିଦ୍ୟାଳୟରେ ଏହି ତାଲିମ ଶିବିରରେ ଆଲୋଚ୍ୟ ପ୍ରସଙ୍ଗଗୁଡ଼ିକୁ କାର୍ଯ୍ୟରେ ଲଗାଇଲେ ପିଲାମାନଙ୍କର ଓ ବିଦ୍ୟାଳୟର ଉନ୍ନତି ହେବ ବୋଲି ମତବ୍ୟକ୍ତ କରିଥିଲେ ।

# ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ ଜିଲ୍ଲାର ବିକାଶମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ନେଇ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର, ୦୬/୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲା ପ୍ରଶାସନ ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ ସମଗ୍ର ସମ୍ବଲପୁର ଜିଲ୍ଲାର ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିସହ ବ୍ଲକ୍ ସ୍ତରୀୟ କାଉନସେଲିଂ କ୍ୟାମ୍ପ ୨୦୨୪-୨୫ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧକ୍ଷତା କରିଥିଲେ । ଜିଲ୍ଲା ଉନ୍ନୟନ ଅଧିକାରୀ (ସିଡ଼ିଓ-କମ-ଇଓ) ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଟେକ୍ନିକାଲ) ବି ବି ପଟ୍ଟନାୟକ, ଡିଏସଡବ୍ଲୁଓ ରେଣୁବାଳା ନନ୍ଦ, ପିଏଆଇଟିଡିଏ ହେମସାଗର ଭୋଇ, ଡିଆରସିଏସ୍ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ମଂଚାସୀନ ହୋଇଥିଲେ । ଆହୂତ ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମହାତ୍ମାଗାନ୍ଧୀ ନାସନାଲ ରୁରାଲ ଏମ୍ପ୍ଲୋୟମେଂଟ ଗ୍ୟାରେଂଟି ସ୍କିମ୍) ର କାର୍ଯ୍ୟକାରିତା, ସ୍ୱଚ୍ଛ ଭାରତ ମିଶନ ଓ ପାନୀୟ ଜଳ ର କାର୍ଯ୍ୟକାରିତା, ରେଡ୍ କ୍ରସ୍ ର କାର୍ଯ୍ୟକଳାପ, ଗ୍ରାମୀଣ ଗୃହ ନିର୍ମାଣ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ୧୦୦ ଜନସଂଖ୍ୟା ରହୁଥିବା ଗ୍ରାମକୁ ଯୋଗାଯୋଗ ପାଇଁ ଗ୍ରାମ ଗୁଡିକ ର ତାଲିକା ସଂଗ୍ରହ, ସୋସିଆଲ ଅଡିଟ୍, ହାଉସିଂ ଏବଂ ଫ୍ୟାମିଲି ୱେଲଫେୟାର, ଅଙ୍ଗନୱାଡି କେନ୍ଦ୍ର ର ନିର୍ମାଣ, ରାଜ୍ୟ ଆର୍ଥିକ ନିଗମ, ଭିଏସ୍‌ଏସ ବିଲଡିଂର ପରିଚାଳନା, ଓଡିଶା ଜୀବିକା ମିଶନ (ଓଏଲ୍‌ଏମ୍) ରେ କିପରି ସମସ୍ତ ଗରିବ ପରିବାରଙ୍କ ନିକଟରେ ପହଂଚା ଯାଇପାରି ସେମାନଙ୍କୁ ନିରନ୍ତର ଜୀବିକା ଯୋଗାଇ ଦେବା ସହିତ ଦାରିଦ୍ର୍ୟରୁ ବାହାରିବା ପର୍ଯ୍ୟନ୍ତ ଭଲ ଜୀବନଯାପନ କରିବା ପର୍ଯ୍ୟନ୍ତ ସେମାନଙ୍କୁ ପ୍ରତିପୋଷଣ କରିବା, ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ଯୋଜନା (ଓରମାସ୍) ଅଧୀନ ରେ ବିଭିନ୍ନ ପ୍ରକଳ୍ପ ଏବଂ ପଦକ୍ଷେପ ମାଧ୍ୟମରେ ଓଡିଶାର ଗ୍ରାମୀଣ ଉତ୍ପାଦକମାନଙ୍କୁ ନିରନ୍ତର ଜୀବିକା ନିର୍ବାହ ଯୋଗାଇ ଦେଇ ଦାରିଦ୍ର୍ୟ ଦୂରୀକରଣ, ଜୀବିକା ନିର୍ବାହ, ମହିଳା ସଶକ୍ତିକରଣ, ଦକ୍ଷତା ବୃଦ୍ଧି ଏବଂ ଗ୍ରାମୀଣ ସମ୍ପ୍ରଦାୟର ସାମଗ୍ରିକ ସାମାଜିକ-ଆର୍ଥିକ ବିକାଶରେ ଉନ୍ନତି କରିହେବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସେହିପରି ବ୍ଲକ ସ୍ତରୀୟ କାଉନସେଲିଂ କ୍ୟାମ୍ପକୁ ନିୟମିତ ଭାବେ ସଫଳ ଭାବରେ ଆୟୋଜନ କରିବା ପାଇଁ ବିଭିନ୍ନ ବ୍ଲକ୍‌ରେ ସଠିକ୍ ଖସଡ଼ା ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ୨ଶହ ଜଣ ଅଂଶଗ୍ରହଣ କରିବା ପାଇଁ ଥିବାରୁ ସଠିକ୍ ମାନର ମଂଚ ଆୟୋଜନ କରାଯିବ । ବିଭିନ୍ନ ଦୈନିକ ସମ୍ବାଦ ପତ୍ର, ପୋଷ୍ଟର, ଲିଫଲେଟ ଆଦି ମାଧ୍ୟମରେ କାଉନସେଲିଂ କ୍ୟାମ୍ପର ପ୍ରଚାର କରାଯିବ । ପ୍ରତ୍ୟେକ ବ୍ଲକ୍‌ରେ କ୍ୟାମ୍ପ ସକାଳ ୧୦ ଘଟିକାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଚାଲିବ । ସବିଶେଷ ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାର ସମସ୍ତ ବ୍ଲକ୍‌ରେ କାଉନସେଲିଂ କ୍ୟାମ୍ପ ଅନୁଷ୍ଠିତ ହେବ ।

# ଜାତୀୟ ପଂଚାୟତ ପୁରସ୍କାର-୨୦୨୪: ସାତଗୋଟି ବିଭାଗରେ ଓଡ଼ିଶାକୁ ମିଳିବ ପୁରସ୍କାର

ଭୁବନେଶ୍ୱର, ୦୬/୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ପଂଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ 'ଜାତୀୟ ପଂଚାୟତ ପୁରସ୍କାର-୨୦୨୪'ରେ ଓଡ଼ିଶାକୁ ସାତଗୋଟି ବିଭାଗରେ ପୁରସ୍କୃତ କରାଯିବ । ଆସନ୍ତା ଡିସେମ୍ବର ୧୧ରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ସମାରୋହରେ ଦେଶରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଓଡ଼ିଶାର ବିଭିନ୍ନ ଗ୍ରାମ ପଂଚାୟତ, ପଂଚାୟତ ସମିତି ଓ ଜିଲ୍ଲା ପରିଷଦକୁ ପୁରସ୍କୃତ କରାଯିବ । 'ଜାତୀୟ ଂଚାୟତ ପୁରସ୍କାର-୨୦୨୪'ରେ ସମଗ୍ର ଦେଶରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକୁ କେନ୍ଦ୍ର ପଂଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ପୁରସ୍କୃତ କରାଯିବ । ଏଥିରେ ଓଡ଼ିଶାର ବିଭିନ୍ନ ପଂଚାୟତିରାଜ ଅନୁଷ୍ଠାନ ସାତଗୋଟି ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ ହେବେ । ଏହା ମଧ୍ୟରେ ଦୀନଦୟାଲ ଉଧାୟ ପଂଚାୟତ ସତତ ବିକାଶ ପୁରସ୍କାର ବିଭାଗରେ ଗଞ୍ଜାମ ଜିଲ୍ଲା କେଲୁଆପଲ୍ଲୀ ଓ ସହପୁରକୁ ଯଥାକ୍ରମେ ସୁସ୍ଥ ପଂଚାୟତ ପୁରସ୍କାର ଓ ସ୍ୱାବଲମ୍ବୀ ଭିତ୍ତିଭୂମି ପଂଚାୟତ ପୁରସ୍କାର ପ୍ରଦାନ କରାଯିବ । ଏହା ସହ ନାନାଜୀ ଦେଶମୁଖ ସର୍ବୋତ୍ତମ ପଂଚାୟତ ସତତ ବିକାଶ ପୁରସ୍କାର ବିଭାଗରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ପଂଚାୟତ ସମିତିକୁ ଶେଷ୍ଠ ବ୍ଲକ୍ ପଂଚାୟତ ପୁରସ୍କାର ଓ କୋରାପୁଟ ଜିଲ୍ଲା ପରିଷଦକୁ ଶ୍ରେଷ୍ଠ ଜିଲ୍ଲା ପଂଚାୟତ ଭାବେ ପୁରସ୍କୃତ କରାଯିବ । ସୁନ୍ଦରଗଡ଼ ଜିଲ୍ଲା କସିର ଗ୍ରାମ ପଂଚାୟତାକୁ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଂଚାୟତ ପୁରସ୍କାର ଓ କେନ୍ଦ୍ରିକେଲା ଗ୍ରାମ ପଂଚାୟତାକୁ କାର୍ବନ ନିଉଟ୍ରାଲ ବିଶେଷ ପଂଚାୟତ ପୁରସ୍କାର ପ୍ରଦାନ କରାଯିବ । ଏହା ସହ ଓଡ଼ିଶାର 'ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ।ଂଚୟତିରାଜ ପ୍ରତିଷ୍ଠାନ'କୁ ରାଜ୍ୟରେ ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକର ଦକ୍ଷତା ବିକାଶ ଓ ତାଲିମ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ଂଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର' ପାଇଁ ଚୟନ କରାଯାଇଛି । 'ଜାତୀୟ ପଂଚାୟତ ପୁରସ୍କାର-୨୦୨୪'ରେ ରାଜ୍ୟର ଏହି ବିଶେଷ ସଫଳତା ପାଇଁ ପଂଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ପୁରସ୍କୃତ ହେବାକୁ ଥିବା ସମସ୍ତ ପଂଚାୟତିରାଜ ଅନୁଷ୍ଠାନ, ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାଂଚୟତିରାଜ ପ୍ରତିଷ୍ଠାନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଘରୋଇ ଫାଇନାନ୍ସ କମ୍ପାନୀରେ ବନ୍ଧୁକ ମୁନରେ ଲୁଟ୍ ଉଦ୍ୟମ : ଥାନାରେ ଜଣେ ଅଟକ

କନ୍ଧମାଳ, ୦୬/୧୨ (ନି.ପ୍ର): ବିଳମ୍ବିତ ରାତିରେ ଫୁଲବାଣୀ ସହରର ମୁଖ୍ୟ ଅଂଚଳ, ଫୁଲବାଣୀ ସହରରେ ଥିବା ଏକ ଘରୋଇ ଫାଇନାନ୍ସ କମ୍ପାନୀରୁ ବନ୍ଧୁକ ମୁନରେ ଲୁଟ୍ ଉଦ୍ୟମ ହୋଇଛି । ଲୁଟେରା ମାନେ ଫାଙ୍କା ଗୁଳି ଚାଳନା କରିବା ସହିତ ଦୁଇ ଜଣ କର୍ମଚାରୀଙ୍କୁ ଲହୁଲୁହାଣ ମଧ କରିଛନ୍ତି । ବୁଧବାର ଫୁଲବାଣୀ ଟାଉନ୍ ଥାନା ଅଂଚଳରେ ଘଟିଛି ଏଭଳି ଘଟଣା । ଫୁଲବାଣୀ ପୌର ପରିଷଦର ଫୁଲବାଣୀ ସାହିରେ ଥିବା ଅଧିକାରୀ ଫାଇନାନ୍ସ କାର୍ଯ୍ୟାଳୟରେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି । ସୂଚନା ପ୍ରକାରେ, ବିଳମ୍ବିତ ରାତିରେ ଅଧିକାରୀ ଏବଂ ଫାଇନାନ୍ସ କାର୍ଯ୍ୟାଳୟର ତିନି ଜଣ କର୍ମଚାରୀ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଋଣ ଟଙ୍କା ଆଦାୟ କରି କାର୍ଯ୍ୟାଳୟରେ ଟଙ୍କା ଗଣତି କରୁଥିବା ବେଳେ ହଠାତ୍ ପହଁଚିଥିଲେ ତିନି ଜଣ ମୁଖା ପିନ୍ଧା ଦୁର୍ବୃତ । ଜଣେ ଦୁର୍ବୃତ କାର୍ଯ୍ୟାଳୟ ବାହାରେ ଥିବାବେଳେ ଦୁଇଜଣ ଦୁର୍ବୃତ ବନ୍ଧୁକ ଧରି କାର୍ଯ୍ୟାଳୟ ଭିତରକୁ ପଶି କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ମାଗିଥିଲେ । ସେହି ସମୟରେ ନିଜ ଜୀବନ ବଂଚାଇବା ସହ ଟଙ୍କା ବଂଚାଇବାକୁ ଦୁର୍ବୃତଙ୍କ ସହ ଧସ୍ତାଧସ୍ତି ହୋଇଥିଲେ । ତେବେ ଦୁର୍ବୃତଙ୍କ ଆକ୍ରମଣରେ ଦୁଇ ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିବା ବେଳେ ଜଣେ ଦୁର୍ବୃତକୁ କାବୁ କରିଥିବା ବେଳେ ଅନ୍ୟ ଦୁଇ ଜଣ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି ।

# ବିଲେଇପଦା ରେଳ ସାଇଡ଼ିଂ କାର୍ଯ୍ୟକୁ ନେଇ ତେଜିଲା ଆନ୍ଦୋଳନ

ଚମ୍ପୁଆ, ୦୬/୧୨ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ବିଲେଇପଦା ଟାଟାଷ୍ଟିଲ ସ୍ପଞ୍ଜ ଆଇରନ ଲିଃ ର ରେଲୱେ ସାଇଡିଂରେ କାର୍ଯ୍ୟରତ ଶ୍ରମିକ ଓ କାର୍ଯ୍ୟ ପାଇଁ ଅଡି ବସିଥିବା ପ୍ରଭାବିତ ଗ୍ରାମବାସୀଙ୍କ ମଧ୍ୟରେ ରେଳ ସାଇଡ଼ିଂ କାର୍ଯ୍ୟକୁ ନେଇ ପୁଣି ଆନ୍ଦୋଳନ ଜୋର ଧରିଛି । ଆଲୋଚନାରେ ପ୍ରଭାବିତ ଅଂଚଳବାସୀଙ୍କୁ ପ୍ରତିଶୃତି ମିଳିବା ପରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରୁ ବୁଧବାର ପୁଣି ରେଳ ସାଇଡିଂରେ ଧାରଣାରେ ବସିଛନ୍ତି । ଖବର ଅନୁସାରେ, ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବିଲେଇପଦା ଟାଟାଷ୍ଟିଲ ସ୍ପଞ୍ଜ ଆଇରନ ଲିଃ ର ରେଲୱେ ସାଇଡିଂରେ ପୁଣି ଅଶାନ୍ତି ଦେଖା ଦେଇଛି । ଗତ ୨୯ ତାରିଖରୁ ଲହଣ୍ଡା ଓ ଭାଗଲପୁର ଗ୍ରାମବାସୀ ୬ ଦଫା ଦାବି ନେଇ କମ୍ପାନୀର ରେଳସାଇଡ଼ିଂରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବାପରେ ମଙ୍ଗଳବାର ଏନେଇ ଠିକା ସଂସ୍ଥା, କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଭାବିତ ଗ୍ରାମବାସୀଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ ହୋଇଥିଲା । ଏଥିରେ ଗ୍ରାମବାସୀଙ୍କ ୬ଟି ଦାବି ମଧ୍ୟରୁ ଠିକା ସଂସ୍ଥା ପକ୍ଷରୁ ୪ଟି ଦାବି ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ । ତେବେ ଏହି ନିଷ୍ପତି ବିରୁଦ୍ଧରେ ବୁଧବାର ପୁଣି ରେଲୱେ ସାଇଡିଂରେ ଅଶାନ୍ତି ଦେଖାଦେଇଛି । ଅନ୍ୟ ପକ୍ଷେ ଯେଉଁମାନେ ଦୀର୍ଘ ବର୍ଷ ଧରି ରେଳ ସାଇଡିଂ କାମରେ ନିୟୋଜିତ ଥିଲେ ସେମାନେ ଠିକା ସଂସ୍ଥାର ଏଭଳି ନିଷ୍ପତି ବିରୁଦ୍ଧରେ କାର୍ଯ୍ୟରୁ ବିରତ ରହି ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନରେ ବସି ରହିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏକତରଫା ଆଲୋଚନା କରି ଏହି ନିଷ୍ପତି ନିଆ ଯାଇଛି । ଅନ୍ୟ ମାନଙ୍କୁ କାମ ଦେଇଦେଲେ । ୨୫୦ ରୁ ଉର୍ଦ୍ଧ ସ୍ଥାନୀୟ ଶ୍ରମିକ କାମରୁ ବଂଚିତ ରହିଛନ୍ତି । ଆମେ କ'ଣ କରିବୁ ? ଦୀର୍ଘ ବର୍ଷ ଧରି କାମ କରି ଆସୁଥିବା ଗ୍ରାମବାସୀଙ୍କୁ କାହିଁକି ବାଦ୍ କରାଯାଉଛି ? ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆମର ଆନ୍ଦୋଳନ ଜାରି ରହିବ । କମ୍ପାନୀ ଆମକୁ ଅଣଦେଖା ନ କରି ଆମ ଦାବି ପୂରଣ କରୁ ବୋଲି ଗ୍ରାମବାସୀ ମଙ୍ଗଲ କାରୁଆ ,ଦୀପକ ସିଂ ଖୁଂଟିଆ,ମହେଶ ମହାରଣା,ଚନ୍ଦ୍ରାବତି ଗାଗରାଇ ପ୍ରମୁଖ ଦାବୀ କରିବା ସହିତ ରେଳ ସାଇଡ଼ିଂରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି । ଏଭଳି ପରିସ୍ଥିତିରେ ମଙ୍ଗଳବାର ରାତି ଠାରୁ ପ୍ରାୟତଃ ସାଇଡିଂରେ କାମ ବନ୍ଦ ରହିଥିବା ବେଳେ ଟାଟା ଷ୍ଟିଲ ସ୍ପଞ୍ଜ ଆଇରନ ଲିଃ ର ଅଧିକାରୀ ରାଜ୍ କୁମାର୍ ଶ୍ରୀବାସ୍ତବ ପଲ୍ଲୀ , ଏଥିରେ ଟାଟା ଷ୍ଟିଲର କିଛି ନାହିଁ, ଠିକା ସଂସ୍ଥା ଲଜିଷ୍ଟିକ୍ ସଲ୍ୟୁସନକୁ ଡକାଇ ଆଲୋଚନା କରାଯିବ ବୋଲି କହିଛନ୍ତି । ଅନ୍ୟପକ୍ଷେ କମ୍ପାନୀ ପ୍ରିନ୍ସିପାଲ ଏମ୍ପ୍ଲୟର ହୋଇ ଟାଟା ଷ୍ଟିଲ ସ୍ପଞ୍ଜ ଆଇରନ କାରଖାନାର ଏହି ଦୁଇ ଗୋଷ୍ଠୀ ବିଭାଜନର ଫାଇଦା ଉଠାଉଛି ବୋଲି ଆଲୋଚନା ହେଉଛି ।

# କେନ୍ଦୁଝରରେ ରେଳ ଡବା ମରାମତି ଫ୍ୟାକ୍ଟ୍ରି ପାଇଁ ଦାବି କଲେ ସାଂସଦ ଅନନ୍ତ ନାୟକ

କେଉଁଝର, ୦୬/୧୨ (ନି.ପ୍ର): ଲୋକସଭାରେ କେନ୍ଦୁଝରରେ ରେଳ ଡବା ମରାମତି ଫ୍ୟାକ୍ଟ୍ରି ପାଇଁ ଦାବି ଉଠାଇ ସାଂସଦ ଅନନ୍ତ ନାୟକ କହିଲେ ଯେ ଏହା ଦ୍ୱାରା ଲୋକଙ୍କର ବିକାଶ ହେବା ସହ ସ୍ଥାନୀୟ ଯୁବକଙ୍କୁ ରୋଜଗାର ମିଳିବ ବୋଲି କହିଛନ୍ତି । ସାଂସଦ ଅନନ୍ତ ନାୟକ ଗୁରୁବାର ଦିନ ଲୋକସଭାରେ କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ଏକ ରେଳ ୱାଗନ ରିପେୟାରିଂଗ ଫ୍ୟାକ୍ଟ୍ରି ସ୍ଥାପିତ କରିବାକୁ ଦାବି କରିଛନ୍ତି । ଶ୍ରୀ ନାୟକ ଆଜି ନିୟମ ୩୭୭ ଅନୁସାରେ ଏହି ପ୍ରସଙ୍ଗ ଉଠାଇଥିଲେ । ସେ କହିଥିଲେ ଯେ ଏହା ସ୍ଥାପିତ ହେଲେ ଆର୍ଥିକ ବିକାଶକୁ ଗତି ମିଳିବା ସହ ସ୍ଥାନୀୟ ଯୁବକ ମାନଙ୍କ ପାଇଁ ରୋଜଗାରର ସୃଜନ ହୋଇ ପାରିବ । ଶ୍ରୀ ନାୟକ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ କେନ୍ଦୁଝର ଜିଲ୍ଲା ଓଡିଶାର ଏକ ପ୍ରମୁଖ ଖଣିଜ ଉତ୍ପାଦକ କ୍ଷେତ୍ର ଅଟେ । ରାଜ୍ୟର ମୋଟ ଖଣିଜ ଉତ୍ପାଦନରେ କେନ୍ଦୁଝର ପାଖାପାଖି ୨୮ ପ୍ରତିଶତ ଯୋଗ ଦାନ ଦେଇଥାଏ । ତେବେ ରେଳ ଡବା (ୱାଗନ)ର ଅଭାବ ଏଠାରେ ଏକ ବଡ ସମସ୍ୟା । ଖଣିଜ ପଦାର୍ଥର ଖୁବ ଚାହିଦା ସତ୍ୱେ ଠିକ୍ ସମୟରେ ୱାଗନ ଉପଲବ୍ଧ ହୋଇ ପାରୁ ନ ଥିବା କାରଣରୁ ଖଣିଜ ଲଦି ବାହରକୁ ପଠାଇବାରେ ବିଳମ୍ବ ହୋଇଥାଏ । କେନ୍ଦୁଝରରେ ଥିବା ଖଣିଜ ସମ୍ପଦର ସଠିକ ବ୍ୟବହାର ଓ ପରିଚାଳନା ପାଇଁ କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ଏକ ରେଳ ଡବା (ୱାଗନ) ମରାମତି ଫ୍ୟାକ୍ଟ୍ରି ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି । ଏପରି ହେଲେ ଏଠାରୁ ବାହାରୁଥିବା ଖଣିଜକୁ ଠିକ ସମୟରେ ଲଦା ଯାଇ ବାହାରକୁ ପଠାଯାଇ ପାରିବ ଓ ୱାଗନର ଅଭାବ କାରଣରୁ ହେଉଥିବା କ୍ଷତିକୁ ଦୂର କରାଯାଇ ପାରିବ । ଶ୍ରୀ ନାୟକ କହିଛନ୍ତି ଯେ, କେବଳ ସେତିକି ନୁହେଁ କେନ୍ଦୁଝରରେ ରେଳ ୱାଗନ ରିପାୟାରିଂଗ ଫ୍ୟାକ୍ଟ୍ରୀ ପ୍ରତିଷ୍ଠା ହେଲେ ସ୍ଥାନୀୟ ଜନଜାତି ବର୍ଗର ଯୁବକ ମାନଙ୍କୁ ସେମାନଙ୍କ ଘର ନିକଟରେ ରୋଜଗାର ମିଳି ପାରିବ ତଥା ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ହେଉଥିବା ଯୁବକ ମାନଙ୍କର ବିସ୍ଥାପନକୁ ମଧ ରୋକା ଯାଇ ପାରିବ । ତେଣୁ ରେଳ ମନ୍ତ୍ରଣାଳୟ ଓ କେନ୍ଦ୍ର ସରକାରଙ୍କୁ ଏ ବାବଦରେ ଶୀଘ୍ର ନିଷ୍ପତି ନେବାକୁ ସେ ନିବେଦନ କରିଛନ୍ତି ।

# ରାଷ୍ଟ୍ରପତିଙ୍କଠାରୁ ଉପାଧି ଗ୍ରହଣ କଲେ ମହିଳା କୃଷକ ରାଇମିତି

ଜୟପୁର, ୫ ଡିସେମ୍ବର (ହି.ସ.) - କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ନୂଆଗୁଡା ଗାଁର ଜଣେ ଆଦିବାସୀ ମହିଳା କୃଷକ ରାଇମତି ଘିଉରିଆ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ସମାବର୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ସମ୍ମାନଜଣକ ଡକ୍ଟରେଟ ଉପାଧି ଗ୍ରହଣ କରିଛନ୍ତି । ରାଇମତି ଜଣେ ମହିଳା କୃଷକ ଏବଂ ଜୈବିକ ଚାଷ ଉପରେ ଗୁରୁତ୍ୱ ଦେଉଥିବା ପ୍ରଶିକ୍ଷକ ଭାବେ ବେଶ ଜଣାଶୁଣା । ସେ ଆଜି ଅନେକ ମହିଳାଙ୍କ ପାଇଁ ଏକ ଆଦର୍ଶ ପାଲଟିଛନ୍ତି । ତାଙ୍କ ସ୍ୱାମୀ ମଧ ଜଣେ ପ୍ରଗତିଶୀଳ କୃଷକ ଯିଏ ହୃଦୟରୁ ତାଙ୍କର ଉଦ୍ୟମକୁ ସମର୍ଥନ କରନ୍ତି । ଏହା ପୂର୍ବରୁ ରାଇମାତି ଘିରିଆଙ୍କୁ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଟାଇମ୍ସ ନେଟୱାର୍କ ଆମାଜିଂ ଇଣ୍ଡିଆନ୍ସ ଆୱାର୍ଡ ୨୦୨୪ ରେ ସମ୍ମାନିତ କରାଯାଇଥିଲା । ଓଡ଼ିଶାରେ ସେ ମାଣ୍ଡିଆ ରାଣୀ ଭାବରେ ପରିଚିତ । ଗତବର୍ଷ(୨୦୨୩)ରେ ଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ରାଇମତି କୋରାପୁଟ ଅଂଚଳରେ ବ୍ୟବହୃତ ପାରମ୍ପାରିକ ଜ୍ଞାନ କୌଶଳ ଏବଂ ବଡ ମାଣ୍ଡିଆ, ବାଟି ମାଣ୍ଡିଆ ଏବଂ ମାମି ମାଣ୍ଡିଆ ପରି ଉଚ୍ଚମାନର ପାରମ୍ପାରିକ ମାଣ୍ଡିଆ ଜାତୀୟ ଶସ୍ୟ ଉପରେ ନିଜର ମତ ଉପସ୍ଥାପନ କରିଥିଲେ । ଜୈବିକ ଚାଷ ଏବଂ ବିହନ ସଂରକ୍ଷଣ କ୍ଷେତ୍ରରେ ଅଗ୍ରଣୀ ଗବେଷଣା କେନ୍ଦ୍ର ଭାବରେ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ଦ୍ୱାରା ରାଇମତିଙ୍କୁ ସମର୍ଥନ କରାଯାଇଛି ।

## ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ

ଜୟପୁର, ୫ ଡିସେମ୍ବର (ହି.ସ.) - ପରବ ଅବସରରେ ଜିଲା ସ୍ତରିୟ ନାଟକ ପ୍ରତିଯୋଗିତା ଆଜି ଉଦଘାଟିତ ହୋଇଛି । ଜୟପୁର ମାଦଳା ସାହି ସ୍ଥିତ ଗୀତାଞ୍ଜଳି ମଣ୍ଡପ ଠାରେ ଆୟୋଜିତ ପ୍ରତିଯୋଗିତା କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ଜିଲାପାଳ ଆକାବରଣ ସସ୍ୟା ରେଡ୍ଡି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଅବସର ପ୍ରାପ୍ତ ଜିଲା ସଂସ୍କୃତି ଅଧିକାରି କୃଷ୍ଣ ଚନ୍ଦ୍ର ନିଶଙ୍କ, ସାସଂଦ ପ୍ରତିନିଧି ମନୋଜ ଆଚାରିୟ ଯୋଗ ଦେଇଥିଲେ । ନାଟକ ପ୍ରତି ଯୋଗିତାର ଜଜ ଭାବେ ସୁଧାକର ପଟ୍ଟନାୟକ, ପ୍ରଶାନ୍ତ ମିଶ୍ର ସୁରେଶ ରାଉତ ଉପସ୍ଥିତ ଥିଲେ । ସଞ୍ଜୟ ଜେନା ନାଟକ କାଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଜି ଠାରୁ ଆସନ୍ତା ୮ ତାରିଖ ପଯ୍ୟନ୍ତ ଜିଲା ସ୍ତରିୟ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜିଲା ସଂସ୍କୃତି ପରିଷଦ କୋରାପୁଟ ଦ୍ୱାରା ଆୟୋଜିତ ହୋଇଥିବା ବେଳେ ପ୍ରିୟା ଥିଏଟର୍ ଗ୍ରୁପ ଜୟପୁର ସହଯୋଗିତା କରିଥିଲେ ।

## ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ମାମଲା: ଅଭିଯୁକ୍ତ ଗିରଫ

ଜୟପୁର, ୦୬/୧୨ (ନି.ପ୍ର): ଜୟପୁର ସହରରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ମାମଲାରେ ଜଣେ ନାବାଳକ ସହ ଅନ୍ୟ ଜଣକୁ ଗିରଫ କରିଛି ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ରେଲେଓ ଛକର ସୌରଭ ନାୟକ ଏଲିୟସ ଜାନୁ ନାୟକ । ପୋଲିସ ସୁଚନା ଅନୁଯାଇ ଜୟପୁର ସହରର ଲିଙ୍ଗରାଜ ନଗରରେ ରହୁଥିବା ସ୍ମୃତି ରଞ୍ଜନ ପଣ୍ଡାଙ୍କ ଘରେ ଦୁର୍ବୃତ ମାନେ ଗତ ୧୫ ତାରିଖରେ ତାଲା ଭାଙ୍ଗି ଚୋରି କରିଥିଲେ । କାର୍ତିକ ପୁର୍ଣ୍ଣିମା ଅବସରରେ ଭୋର ସମୟରେ ଘର ତାଲା ପକାଇ ଡଙ୍ଗା ଭସାଇ ମନ୍ଦିରକୁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ ମାନେ ତାଲା ଭାଙ୍ଗି ସୁନା ,ରୁପା ଗହଣା, ୩୦ ହଜାର ଟଙ୍କା ଆଦି ଚୋରି କରି ଚମ୍ପଟ ମାରଥିଲେ । ମନ୍ଦିର ଦର୍ଶନ ସାରି ଘରକୁ ଫେରିବା ବେଳେ ଦୁର୍ବୃତମାନେ ଏପରି କାଣ୍ଡ ଘଟାଇଥିବା ଜାଣି ପୋଲିସ କୁ ସୁଚନା ଦେଇଥିଲେ । ସୁଚନା ଆଧାରେର ଜୟପୁର ଟାଉନ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ସିସି କ୍ୟାମେରା ଓ ତଦନ୍ତ ଆଧାର୍ ପୋଲିସ ୨ ଜଣ କୁବା କରିଥିଲା । ସେ ମାନଙ୍କ ଠାରୁ ୩୫ ହଜାର ଟଙ୍କା, ରୁପା ଚେନ, ଆକ୍ଟିବା ଗାଡି କୁ ଜବତ କରିଛି ।

# ବସ୍ତା ଭିତରୁ ମୁର୍ମୁଷୁ ଅବସ୍ଥାରେ ୮ମ ଶ୍ରେଣୀ ଛାତ୍ରୀ ଉଦ୍ଧାର

## ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଶିଶୁ ସୁରକ୍ଷା ଅଧିକାରୀଙ୍କ ତଦନ୍ତ

ଜୟପୁର, ୦୬/୧୨ (ନି.ପ୍ର): ବସ୍ତା ଭିତରୁ ମୁର୍ମୁଷୁ ଅବସ୍ଥାରେ ୮ ମ ଶ୍ରେଣି ଛାତ୍ରୀ କୁ ଉଦ୍ଧାର ଘଟଣାର ଆଜି ତଦନ୍ତ ହୋଇଛି । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମକାପୁଟ ରେ ପହଂଚି ଜିଲା ମଙ୍ଗଳ ଅଧିକାରି ଓ ଶିଶୁ ସୁରକ୍ଷା ଅଧିକାରି ତଦନ୍ତ କରିଛନ୍ତି । ଜିଲା ମଙ୍ଗଳ ଅଧିକାରି ସୁନିଲ ତାଣ୍ଡି ଓ ଶିଶୁ ସୁରକ୍ଷା ଅଧିକାରି ରାଜେଶ୍ୱରି ଦାସ ପହଂଚି ତଦନ୍ତ କରିଛନ୍ତି । ଅଷ୍ଟମ ଶ୍ରେଣି ଛାତ୍ରୀ ସହ ଆଲୋଚନା କରି ବୟାନ ରେକର୍ଡ କରିଛନ୍ତି । ସଦର ଥାନା ମାମଲାର ତଦନ୍ତ କାରି ଅଧିକାରି , ଛାତ୍ରୀଙ୍କ ପରିବାର , ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷକ, ଶିକ୍ଷୟତ୍ରୀ , ପିଅନ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଛନ୍ତି । ଗତ ୩ ତରିଖରେ ପରିବାର ତରଫରୁ ଜୟପୁର ସଦର ଥାନାରେ ଅଭିଯୋଗ କରାଯାଇଥିଲା । ଛାତ୍ରୀଙ୍କ ପରିବାର ଲୋକଙ୍କ କହିବାନୁଯାଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପିରବାର ଲେକଙ୍କୁ ଫୋନ କରିଥିଲେ । ତମ ଝିଅ ଦୁସୁ ନାହିଁ । ଏହି ସୁଚନା ପାଇ ପରିବାର ଲେକେ ବିଦ୍ୟାଳୟ ରେ ପହଂଚି ଖୋଜା ଖୋଜି କରିଥିଲେ । ହଷ୍ଟେଲ ଛାତ ଉପରେ ଝିଅର ସୁଇଟର ଦେଖି ଉପରକୁ ଯାଇଥିଲେ । ସେହି ସମୟରେ ଏକ ବସ୍ତାରେ ଝିଅକୁ ବାନ୍ଧି ରଖିଥିଲେ । ବିଦ୍ୟାଳୟର ପିଅନ ବସ୍ତୁରୁ ଖୋଲୁଥିବା ବେଳେ ପରିବାର ଲେକେ ଦେଖିଥିଲେ । ଝିଅକୁ ମୁର୍ମୁଷ ଅବସ୍ଥାରେ ଉଦ୍ଧାର କରିଥିଲେ । ୨ ବର୍ଷ ହେବ ଛାତ୍ରୀ ଜଣକ ହଷ୍ଟେଲରେ ରହି ପଢୁ ଥିଲେ । ଝିଅକୁ ନିର୍ଯ୍ୟାତନା ଦେଇ ବସ୍ତାରେ ବାନ୍ଧି ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମକାପୁଟ ରେ ୮ମ ଶ୍ରେଣିର ରେ ପଢୁଛନ୍ତି । ଓ ବିଦ୍ୟାଳୟରେ ଥିବା ଛାତ୍ରୀ ନିବାସରେ ରହି ପାଠ ପଢୁଛନ୍ତି । ଗତ ୨ ତାରିଖରେ ସନ୍ଧ୍ୟା ୫ଟା ସମୟରେ ହଷ୍ଟେଲ ନିକଟରେ ଥିବା ଶ୍ରେଣି ଗୃହ ଆଡେ ବୁଲିବା ସମୟରେ ହଟାତ ୨ ଜଣ ଅଜଣା ବକ୍ତି ଆଶି ପଛଆଡୁ ମୁହଁ କୁ ଜୋରରେ ଚାପି ଧରିଲେ । ସେମାନଙ୍କ ଠାରୁ ଛଡେଇବାରେ ବିଫଳ ହେଲେ ଛାତ୍ରୀ । ୨ ଜଣ ଦୁର୍ବୁତ ଛାତ୍ରୀ କୁ ମାଡ ମାରି ଗୁମୁଛା ରେ ବାନ୍ଧି ମୁଣ୍ଡରେ ଆଘାତ ଦେଇଥିଲେ ।

# ଘଟଗାଁ ତହସିଲ ଅଫିସରେ କଳହ: ତହସିଲଦାର ନିରବ

ଘଟଗାଁ, ୦୬/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲ କାର୍ଯ୍ୟାଳୟ ଭିତରେ କର୍ମଚାରୀ - କର୍ମଚାରୀ ମଧ୍ୟରେ ପାଟିତୁଣ୍ଡ । ତହସିଲର କଂଟ୍ରାଚୁଆଲ ଡାଟାଏଂଟ୍ରି ଅପରେଟର କାର୍ତିକେଶ୍ୱର ମହାରଣା ତାଙ୍କ ଅଫିସର ସିନିୟର୍ ରେଭେନିଉ ଆସିଷ୍ଟାଂଟ ଦମୟନ୍ତୀ ନାୟକଙ୍କୁ ଅଫିସ୍ ଭିତରେ ଦୁର୍ବ୍ୟବହାର କରିଥିବା ଘଟଗାଁ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଗତ ୨ ଡିସେମ୍ବର ଦିନ ୧୧ଟା ସମୟରେ ଦମୟନ୍ତୀ ନାୟକ ଅନ୍ୟଜଣେ କର୍ମଚାରୀଙ୍କ ସହିତ କଥା ହେଉଥିବା ସମୟରେ ହଠାତ୍ ଡାଟାଏଂଟ୍ରି ଅପରେଟର କାର୍ତିକେଶ୍ୱର ମହାରଣା ଆସି ତାଙ୍କୁ ତୁ ତାକର କରି ଅସଭ୍ୟ ଭାଷାରେ ଗାଳିଗୁଲଜ୍ କରିବା ସହିତ ଧମକ ମଧ୍ୟ ଦେଇଥିଲେ । ଏନେଇ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ସିନିୟର୍ ରେଭେନିଉ ଆସିଷ୍ଟାଂଟ ଦମୟନ୍ତୀ ନାୟକ । ଦୁଃଖର ବିଷୟ ତହସିଲ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀ, ବଡ଼ବାବୁ ଓ ତହସିଲଦାର ଉପସ୍ଥିତ ଥାଇ ମଧ୍ୟ ଏହି ଘଟଣାରେ ଜଣେ ହେଲେ ବି ପାଟି ଫିଟେଇ ନଥିବା ପ୍ରକାଶ କରିଛନ୍ତି ସିନିୟର୍ ରେଭେନିଉ ଆସିଷ୍ଟାଂଟ ଦମୟନ୍ତୀ ନାୟକ ।

## ନୂଆ ଆର ଏଣ୍ଡ ଆର ପଲିସି ଆଣିବେ ରାଜ୍ୟ ସରକାର


ଭୁବନେଶ୍ୱର, ୦୬/୧୨ (ନି.ପ୍ର): ୨୦୦୬ ଆର ଏଣ୍ଡ ଆର ପଲିସିକୁ ସଂଶୋଧନ କରି ରାଜ୍ୟ ସରକାର ୨୦୨୫ରେରେ ନୂଆ ଆଧୁନିକ ଆର ଏଣ୍ଡ ଆର ପଲିସି ଆଣିବାକୁ ସରକାର ଯୋଜନା କରୁଛନ୍ତି । ଏହି ନୀତିରେ ଜମି ବଦଳରେ ଜମି ଦେବା ନେଇ ସରକାର ଯୋଜନା କରୁଛନ୍ତି । ଯଦି କୌଣସି ପ୍ରକଳ୍ପ ପାଇଁ ଲୋକଙ୍କ ଜମି ନିଆଯାଉଛି କ୍ଷତିପୂରଣ ପରିବର୍ତ୍ତେ ଅନ୍ୟତ୍ର କିଭଳି ଜମି ଦିଆଯାଇ ପାରିବ ସେ ନେଇ ବ୍ୟବସ୍ଥା କରାଯିବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ।

# ବିଶ୍ୱ ମୃତ୍ତିକା ଦିବସ ପାଳନ

ମାଲକାନଗିରି , ୦୬/୧୨ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ୫ ଡିସେମ୍ବର କୁ ବିଶ୍ୱ ମୃତ୍ତିକା ଦିବସ ଭାବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି ର ମିଳିତ ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ପରିସର ରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଅତିରକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରି ମାଟି ମାଆକୁ ସୁରକ୍ଷା ଦେବା ଓ ଜୈବିକ ପ୍ରଣାଳୀରେ ମାଟିର ମାନବୃଦ୍ଧି ପାଇଁ ଚାଷୀ ମାନଙ୍କୁ ଅବଗତ କରାଇଥିଲେ । ଏହି ଅବସର ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଲରଞ୍ଜନ ମହାଲିକ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର, ବରିଷ୍ଠ କୃଷି ବୈଜ୍ଞାନିକ ତଥା ମୁଖ୍ୟ ଡକ୍ଟର ଦେବୀପ୍ରସାଦ ଦାଶ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ମାଲକାନଗିରି ମହେଶ କୁମାର ପାଢ଼ୀଆଦି ବିଭିନ୍ନ ଦିଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ ।

# ବଲାଙ୍ଗିର ଠାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

ବଲାଙ୍ଗୀର, ୦୬/୧୨ (ନି.ପ୍ର): କୃଷି ବିଭାଗର ତାଲିମ ପ୍ରତିଷ୍ଠାନ ଠାରେ ଜିଲ୍ଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ବିଶ୍ୱ ମୃତିକା ଦିବସ ପାଳିତ ହୋଇଛି । କେବିକେ ମୁଖ୍ୟ ବୈଜ୍ଞାନିକ ସତ୍ୟମୟ ଶତପଥୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀ ମାନେ ମୃତିକା ସଂରକ୍ଷଣ ତଥା ମାଟି ର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ମାଟି ର ଉର୍ବରତା ବୃଦ୍ଧି ସକାଶେ ମାଟି ର ପରୀକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଚାଷୀ ମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ର ଅଧିକାରୀ ମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ପୌରପରିଷଦ ଅଧକ୍ଷା ଲିକା ସାହୁ । ସଚେତନତା ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡ ଡ଼ିଡ଼ିଏମ ଡ଼ ବିବେକ ନାୟକ, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ବଡ଼ପଣ୍ଡା, ରାଇଟ ପ୍ରିନସିପାଲ ଲାଲ ବିହାରୀ ମଲିକ, ବ୍ଲକ କୃଷି ଅଧିକାରୀ ସୁଧାକର ନନ୍ଦ ପ୍ରମୁଖ ଯୋଗଦେଇ ମୃତିକା ସ୍ୱାସ୍ଥ୍ୟ ପରୀକ୍ଷା, ଯତ୍ନ, ଗୁଣବତା ତଥା ସଂରକ୍ଷଣର ଆବଶ୍ୟକତା ଉପରେ ବକ୍ତ୍ୟବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ବୈଜ୍ଞାନିକ ଡ଼ ସତ୍ୟମୟ ଶତପଥି ମୃତିକା ପରୀକ୍ଷା ର ପ୍ରକ୍ରିୟା, ଉପାଦେୟତା ଏବଂ ସମନ୍ୱିତ ଖାଦ୍ୟସାର ପରିଚାଳନା ଉପରେ ସୂଚନା ପ୍ରଦାନ କରିବା ସହ ଚାଷୀମାନେ ଏହାର ଆବଶ୍ୟକତା ଉପରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା କୃଷି ବିଭାଗର ମୃତିକା ରସାୟନବିତ ସୁନନ୍ଦା ସାହୁ ବିଶ୍ୱ ମୃତିକା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ମଧ ରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୭ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 December 2024
Vol.No. 35 ■ No.325 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପୂର୍ବ ସରକାରରେ ବିକ୍ରି ହୋଇଥିଲା ଏଏସଓ ଚାକିରି : ମୁଖ୍ୟମନ୍ତ୍ରୀ

## ବିଧାନସଭାରେ ପାରିତ ହେଲା ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ୨୦୨୪

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ବିଧାନସଭାରେ ସାର୍ବଜନୀନ ପରୀକ୍ଷା ବିଲ୍ ୨୦୨୪ ବିଧାନସଭାରେ ଆଗତ ହୋଇଛି । ଏହି ବିଲକୁ ବିଧାନସଭାରେ ଆଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ସରକାରଙ୍କ ଦୋଷତ୍ରୁଟି ଉଲ୍ଲେଖ କରିଛନ୍ତି । ପୂର୍ବ ସରକାରଙ୍କ ଅମଳରେ ରାଜ୍ୟରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ) ଚାକିରି ୨୫-୩୦ ଲକ୍ଷ ଟଙ୍କାରେ ବିକ୍ରି ହେଉଥିଲା । ନିଯୁକ୍ତି ଦାୟିତ୍ୱରେ ଯେଉଁ ଅଧିକାରୀମାନେ ରହୁଥିଲେ, ସେମାନଙ୍କର ପରୀକ୍ଷା ପ୍ରଶ୍ନ ପତ୍ର ପ୍ରଘଟରେ ▶▶ପୃଷ୍ଠା ୭



### ଧନ୍ୟବାଦ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀ

ବିଧାନସଭାରେ ନିଯୁକ୍ତିରେ ହେଉଥିବା ଦୁର୍ନୀତିକୁ ରୋକିବାକୁ ଯେଉଁ ବଳିଷ୍ଠ ଆଇନ୍ ଆଣିଛନ୍ତି ସେଥିପାଇଁ ଆପଣ ଧନ୍ୟବାଦର ପାତ୍ର । ଯାହାହେଉ ବିଳମ୍ବରେ ହେଲେ ମଧ୍ୟ ସତ୍ୟର ଜୟ ହୋଇଛି । ସତକଥା ବାହାରକୁ ଆସିଛି । ଏଏସଓ ଚାକିରି ପାଇଁ ୨୫ରୁ ୩୦ ଲକ୍ଷ ଟଙ୍କା ଉତ୍କୋଚ ଦେଇ ଚାକିରି ଦେଇଥିବା କଥାକୁ ଆପଣ ବିଧାନସଭାରେ ନିଯୁକ୍ତିର ଦୁର୍ନୀତିକୁ ପ୍ରକାଶ କରିଥିବାରୁ ଧନ୍ୟବାଦ ଆପଣଙ୍କୁ । ମାତ୍ର ନିଯୁକ୍ତିରେ ଦୁର୍ନୀତି କରିଥିବା ଅଧିକାରୀମାନେ କିମ୍ବା ନେତୃସ୍ଥାନୀୟ ବ୍ୟକ୍ତିବିଶେଷ ଯେଉଁଭଳି ଉପଯୁକ୍ତ ଦଣ୍ଡ ପାଇବେ ସେଥିପାଇଁ ଯତ୍ନବାନ ହେଲେ ଆପଣ ସାଧାରଣରେ ପ୍ରଶଂସିତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ଭିଟାମାଟିରେ ପାଦ ଦେଇ ଭାବବିହ୍ୱଳ ହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ




ମୟୂରଭଂଜ, ୦୬/୧୨ (ନି.ପ୍ର): ଯେଉଁଠି ଦିନେ ଜନ୍ମ ହୋଇଥିଲେ, ସେହି ଭିଟାମାଟିରେ ପାଦଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଦିନେ ଯେଉଁଠି ଅ, ଆ' ଶିଖିଥିଲେ ସେଇଠି ପିଲାଙ୍କ ସହ ଭାବବିନିମୟ କଲେ । ନାଚିଲେ, ଭାବବିହ୍ୱଳ ମଧ ହେଲେ । ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ପାଇଁ ନିଜ ଜନ୍ମମାଟି ତଥା ପୈତୃକ ଗାଁ ଉପରବେଡ଼ା ଯାଇଥିଲେ । ରାଷ୍ଟ୍ରପତି ବନିଥିବା ଗାଁ ଝିଅଙ୍କୁ ପାଖରେ ପାଇ ଉପରବେଡ଼ାବାସୀ ତ କୃତ୍ୟ କୃତ୍ୟ ହେଲେ । ରାଷ୍ଟ୍ରପତିଙ୍କୁ ପ୍ରଥମରୁ ପଞ୍ଚମ ଯାଏଁ ପାଠ ପଢ଼ାଇଥିବା ଗୁରୁ ମଧ ନିଜକୁ ଧନ୍ୟ ମନେକଲେ । ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଉପରବେଡ଼ା ଗାଁରେ ପାଦ ଥାପିଥିଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପ୍ରଥମେ ଯାଇଥିଲେ ଉପରବେଡ଼ା ଉଚ୍ଚ ପ୍ରାଥମିକ ସ୍କୁଲ । ପହଞ୍ଚିବା କ୍ଷଣି ମହାମହିମଙ୍କ ଆଖି ସାମ୍ନାରେ ନାଚି ଉଠୁଥିଲା ପିଲାବେଳର ସ୍ମୃତି ସବୁ । ଅଭିଭାଷଣ ରଖିବା ବେଳେ ନିଜ ବାଲ୍ୟସ୍ମୃତିକୁ ବଖାଣିଥିଲେ । ଝାଟିମାଟି କ୍ଲାସରୁମକୁ ଗୋବର ଦ୍ୱାରା ଲିପାପୋଛା କରିବା, ଝରି କଲମ ଦ୍ୱାରା ▶▶ପୃଷ୍ଠା ୭

# ଅଭିବୃଦ୍ଧି ହାର ୫.୪%କୁ କମାଇଲା ରିଜର୍ଭ ବ୍ୟାଙ୍କ: ରେପୋ ରେଟ୍ ସ୍ଥିର

ନୂଆଦିଲ୍ଲୀ, ୦୬/୧୨ : ମୁଦ୍ରାସ୍ଫୀତି ଦୃଷ୍ଟିକୋଣରୁ କ୍ରମାଗତ ଏକାଦଶ ଥର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ତା'ର ଋଣ ହାର ଅପରିବର୍ତ୍ତିତ ରଖିଛି । କିନ୍ତୁ ଚଳିତ ବର୍ଷର ଅଭିବୃଦ୍ଧି ହାର କମାଇ ଦେଇଛି । ଏ ନେଇ ଘୋଷଣା କରିଛନ୍ତି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ । ସେ କହିଛନ୍ତି ଯେ ରିଜର୍ଭ ବ୍ୟାଙ୍କର ୬ ଜଣିଆ ମୁଦ୍ରା ନୀତି କମିଟିର ଏକ ବୈଠକ ବସିଥିଲା । ଏଥିରେ ରେପୋ ରେଟ୍ ୬.୫ ପ୍ରତିଶତରେ ସ୍ଥିର ରଖିବାକୁ ୪ ଜଣ ସଦସ୍ୟ ମତ ଦେଇଥିଲେ ଓ ୨ ଜଣ ଏହାକୁ ବିରୋଧ କରିଥିଲେ । ତେଣୁ ସଂଖ୍ୟାଧିକ ମତ ଅନୁସାରେ ନିଷ୍ପତ୍ତି ହେଲା ଯେ ରେପୋ ରେଟ୍ ଅପରିବର୍ତ୍ତିତ ରହିବ । ଅଭିବୃଦ୍ଧି ହାର ଆକଳନ ହ୍ରାସ ପାଉଥିବା ସତ୍ତ୍ୱେ ରେପୋ ରେଟ୍ ଅପରିବର୍ତ୍ତିତ ରହିଛି । ରେପୋ ରେଟ୍ ଅପରିବର୍ତ୍ତିତ ରହିବା ଅର୍ଥ ବ୍ୟାଙ୍କ ଋଣର ସୁଧ ହାର ମଧ ଅପରିବର୍ତ୍ତିତ ରହିବ । ପୁଞ୍ଜି ନିବେଶକାରୀମାନେ ସୁଧ ହାର ହ୍ରାସ ପାଇବ ବୋଲି ଆଶା କରୁଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ସମୟରେ ଦେଶର ଅଭିବୃଦ୍ଧି ହାର ୭ ପ୍ରତିଶତ ହେବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଥିଲା । ମାତ୍ର ଏହା କ୍ରମାଗତ ଭାବେ ହ୍ରାସ ପାଉଥିବା ହିସାବ ହେଉଛି । ଗତ ଜୁଲାଇ-ସେପ୍ଟେମ୍ବର ମଧ୍ୟରେ ଦେଶର ଜିଡିପି ଅଭିବୃଦ୍ଧି ହାର ୫.୪ ପ୍ରତିଶତ ଥିବାର ହିସାବ ହୋଇଛି । ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ସହକାରୀ ବନ ସଂରକ୍ଷକ




ସମ୍ବଲପୁର, ୦୬/୧୨ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସମ୍ବଲପୁରର ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ (ଏସିଏଫ) ରେବତୀ ରମଣ ଯୋଶୀ । ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ତାଙ୍କର ସମ୍ବଲପୁର ସ୍ଥିତ ସରକାରୀ ବାସଭବନ ସମେତ ୯ଟି ଠିକଣାରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । ▶▶ପୃଷ୍ଠା ୭

# ରାହୁଲ ଗାନ୍ଧିଙ୍କ ନାଗରିକତା ମାମଲା: କେନ୍ଦ୍ରକୁ ଜବାବ ମାଗିଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୦୬/୧୨ : କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ନାଗରିକତା ମାମଲାରେ କେନ୍ଦ୍ରକୁ ଜବାବ ମାଗିଛନ୍ତି ଦିଲ୍ଲୀ ହାଇକୋର୍ଟ । ରାହୁଲ ଗାନ୍ଧିଙ୍କ ଭାରତୀୟ ନାଗରିକତାର ସ୍ଥିତାବସ୍ଥା ଉପରେ ସ୍ପଷ୍ଟୀକରଣ ଦେବାକୁ ବିଜେପି ନେତା ସୁବ୍ରମଣିୟନ ସ୍ୱାମୀ ଗୋଟିଏ ଆବେଦନ ହାଇକୋର୍ଟରେ ଦାଖଲ କରିଥିଲେ । ଏହାର ଶୁଣାଣି କରି ହାଇକୋର୍ଟ କେନ୍ଦ୍ରକୁ ଜବାବ



ମାଗିଛନ୍ତି । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଭୁ ବାଖ୍ରୁ ଓ ଜଷ୍ଟିସ ତୁଷାର ରାଓ ଗେଲେଲାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଓକିଲଙ୍କୁ ମାମଲା ସମ୍ପର୍କରେ ତଥ୍ୟ ହାସଲ କରିବାକୁ କହିଛନ୍ତି । ଖଣ୍ଡପୀଠ କହିଛନ୍ତି, "ଆମେ କୌଣସି ନିର୍ଦ୍ଦେଶ ପାରିତ କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ଓକିଲଙ୍କ ଠାରୁ ମାମଲା ସମ୍ପର୍କରେ ତଥ୍ୟ ଚାହୁଁଛୁ ।" ପ୍ରାରମ୍ଭିକ ପର୍ଯ୍ୟାୟରେ କୋର୍ଟ ନୋଟିସ କରିବାକୁ ଇଚ୍ଛା ପ୍ରକାଶ କରି ନଥିଲେ । କିନ୍ତୁ କେନ୍ଦ୍ର ସରକାରଙ୍କ ▶▶ପୃଷ୍ଠା ୭



# ବିଧାନସଭାରେ 'ପୋଲାଭରମ' ଝଡ଼

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ବିଧାନସଭାରେ ଆଜି 'ପୋଲାଭରମ ପ୍ରକଳ୍ପ'କୁ ନେଇ ବିରୋଧୀ ଓ ଶାସକ ସଭ୍ୟ ମୁହାଁମୁହିଁ ହୋଇଛନ୍ତି । ବିରୋଧୀ କଂଗ୍ରେସ ସହ ସ୍ୱର ମିଳାଇ ବିଜେଡି ଆଜି ଗୃହରେ ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଦାବି କରି ଗୃହରେ ହଟ୍ଟଗୋଳ କରିବାରୁ ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ପୋଲାଭରମ ପ୍ରକଳ୍ପକୁ ନେଇ ବିରୋଧୀ ଦଳ ନେତା ନବୀନ



ପଟ୍ଟନାୟକ ମୁହଁ ଖୋଲିବା ପରେ ଶାସକ ବିଜେଡି ତୀବ୍ର ପ୍ରତିକ୍ରିୟାଶୀଳ ହୋଇଛି । ବିଜେପି ନେତା ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସିଧାସଳଖ ନବୀନଙ୍କ ନାଁ ନନେଇ ଚେତାବନୀ ଦେଇଛନ୍ତି । ଆଉ ୨୪ବର୍ଷର ଇତିହାସ ଖୋଳିଦେଲେ କିଏ କେଉଁଠି କେମିତି ଲଢ଼େଇ କରୁଥିଲେ ତାହା ପଦାକୁ ଆସିଯିବ । କିଛି ଲୋକ ରାଜନୀତିରୁ ସନ୍ୟାସ ନେଇଯିବେ ନଚେତ୍ କାହାକୁ ମୁହଁ ଦେଖାଇ ପାରିବେନି ବୋଲି ସେ ଶାଣିତ ଭାଷାରେ ସମାଲୋଚନା କରିଛନ୍ତି । ପୋଲାଭରମ ପ୍ରକଳ୍ପ ସମ୍ପର୍କିତ ମୁଲତବୀ ଆଲୋଚନା ପ୍ରସ୍ତାବ ଅଗ୍ରାହ୍ୟ ହେବାକୁ ନେଇ କଂଗ୍ରେସ ସଦସ୍ୟମାନେ ଆଜି ଗୃହକାର୍ଯ୍ୟ ଆରମ୍ଭ ▶▶ପୃଷ୍ଠା ୭

# ଚାଷୀଙ୍କ ଉପରକୁ ଟିୟର ଗ୍ୟାସ୍ ମାଡ଼ କଲା ପୁଲିସ୍: ଆଲୋଚନା ପାଇଁ ଡାକିଲେ ସରକାର

ନୂଆଦିଲ୍ଲୀ, ୦୬/୧୨ : ନିଜର ଉତ୍ପାଦ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମସି ଦାବି କରି ଦିଲ୍ଲୀ ଚାଲୋ ଡାକରା ଦେଇଥିବା ଚାଷୀଙ୍କ ଉପରେ ହୋଇଛି ଟିୟର ଗ୍ୟାସ ମାଡ଼ । ଆଜି ଶତାଧିକ ଚାଷୀ ହରିୟାଣାର ଶମ୍ଭୁ ସୀମାରେ ଲାଗିଥିବା ବ୍ୟାରିକେଡ ଡେଇଁ ଆଗକୁ ବଢୁଥିବା ବେଳେ ପୁଲିସ୍ ସେମାନଙ୍କୁ ଅଟକାଇବା ପାଇଁ ଲୁହ ବୁହା ଗ୍ୟାସ ମାଡ଼ କରିଛି । ଏହାକୁ ନେଇ ସୀମାନ୍ତରେ ପ୍ରବଳ ଉତ୍ତେଜନା ଦେଖାଯାଇଛି । ବିକ୍ଷୋଭକାରୀ ଚାଷୀ ଓ ପୁଲିସ୍ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ଚାଷୀମାନେ ଏମଏସ୍‌ପି ଉପରେ ଆଇନଗତ ମାନ୍ୟତା ଦାବି କରିବା ସହ ଋଣ ଛାଡ଼ ଓ ବର୍ଦ୍ଧିତ ବଜୁଳି



ଟାରିଫରୁ ସୁରକ୍ଷା ଦାବି କରି ଦିଲ୍ଲୀ ଚାଲୋ ଆନ୍ଦୋଳନର ଡାକରା ଦେଇଛନ୍ତି । ସେମାନେ ସଂସଦ ନିକଟରେ ପହଞ୍ଚି ବିକ୍ଷୋଭ କରିବାକୁ ଚାହୁଁଥିବା ବେଳେ ଆଜି ପୁଲିସ୍ ସେମାନଙ୍କୁ ହରିୟାଣା-ପଞ୍ଜାବ ସୀମାନ୍ତ ଶମ୍ଭୁ ବର୍ଡରରେ ଅଟକାଇଛି । ତଥାପି ସେମାନେ ଆଗକୁ ବଢ଼ିବାରୁ ପୁଲିସ୍ ଲୁହ ବୁହା ଗ୍ୟାସ ପ୍ରୟୋଗ କରିଛି । ଏଥିରେ କିଛି ଚାଷୀ ଆହତ ହୋଇଥିବା ମଧ ଜଣାପଡ଼ିଛି । ଚାଷୀମାନେ ଆନ୍ଦୋଳନକୁ ତୀବ୍ର କରୁଥିବା ବେଳେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ପ୍ରଥମେ 'ମୋଦି ଗ୍ୟାରେଣ୍ଟୀ' କଥା କହିଥିଲେ । ହେଲେ ଅପରାହ୍ନ ବେଳକୁ ସରକାରଙ୍କ ▶▶ପୃଷ୍ଠା ୭

## ଚାଷୀଙ୍କୁ ଧାନ ଅମଳ ଚିନ୍ତା: ୮ ଓ ୯ ତାରିଖରେ ବର୍ଷା

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଧାନ ଚାଷୀଙ୍କୁ ଅମଳ ଚିନ୍ତା । କାରଣ ଆସୁ ବର୍ଷା । ଆଗାମୀ ୮ ଓ ୯ ତାରିଖରେ ରାଜ୍ୟରେ କିଛି ଜିଲ୍ଲାରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଏଥିସହ ରାଜ୍ୟର କିଛି ଜିଲ୍ଲାରେ ରାତିର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି । ତେଣୁ ପ୍ରବଳ ଶୀତ ହେବ ବୋଲି ଆକଳନ କରାଯାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୮ ତାରିଖରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାରେ ▶▶ପୃଷ୍ଠା ୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୁକ୍ତି କାହିଁ ?

ଏହା ଆଉ କେହି ଅସ୍ୱୀକାର କରିବାର ନାହିଁ ଯେ କ୍ରମଶଃ ପ୍ଲାଷ୍ଟିକ୍ ଆମ ପାଇଁ ଭସ୍ମାସୁରର ରୂପ ନେଇସାରିଛି। ଆମ ସୁଖ ସୁବିଧା ପାଇଁ ଉଦ୍ଭାବିତ ଏହି ପଲିମର ପଦାର୍ଥଟି ଏବେ କେବଳ ଆମ ଦୈନନ୍ଦିନ ଜୀବନଚର୍ଯ୍ୟାର ଅଂଶ ହୋଇନାହିଁ, ବରଂ ଆମ ଶରୀର ତନ୍ତ୍ରର ଉପାଦାନ ହୋଇସାରିଛି। ବିଡ଼ମ୍ବନା ହେଉଛି ଏଥିରୁ ମୁକ୍ତିର ଉପାୟ ଖୋଜି ବାହାର କରିବା ପାଇଁ ଯେତିକି ପ୍ରଚେଷ୍ଟା ହେଉଛି, ତା' ତୁଳନାରେ ବ୍ୟବହାରିକ ମାନସିକତା ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟାର ଲକ୍ଷଣ ଏବଂ ଆଗାମୀ ଦିନରେ ଏହାର ଭୟଙ୍କର ପରାଭବ ବିଷୟରେ ସମସ୍ତେ ଅବଗତ ଅଛନ୍ତି, ସମସ୍ୟାର ଭୁକ୍ତଭୋଗୀ ମଧ୍ୟ ହୋଇସାରିଛନ୍ତି। କିନ୍ତୁ ଏଥିରୁ ମୁକ୍ତିର ପଥ ଖୋଜିବା ବେଳକୁ ଦୁଇପାଦ ପଛକୁ ଘୁଞ୍ଚି ଆସୁଛନ୍ତି। ବିଚାରବିମର୍ଶ କରିଆରେ ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସର ବାଟ ବାହାର କରିବା ପାଇଁ ନିକଟରେ ଦକ୍ଷିଣ କୋରିଆର ବୁସାନ୍ ସହରରେ ସପ୍ତାହେ ବ୍ୟାପୀ ଚାଲିଥିବା ବୈଶ୍ୱିକ ଶୀର୍ଷ ବୈଠକ ମତଭେଦ କାରଣରୁ ବିଫଳ ହୋଇଛି। ଏହା ଆମ ଆଗାମୀ ପିଢ଼ି ପାଇଁ ସତର୍କ ଘଣ୍ଟି ନିଶ୍ଚୟ। ଗତ ମାସରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ଶୀର୍ଷ ସମ୍ମିଳନୀ ଏକପ୍ରକାର ଚଷୁକୁଟା ବୈଠକରେ ପରିଣତ ହୋଇଥିବା ବେଳେ ପରିବେଶ ପ୍ରଦୂଷଣରେ ସିଂହଭାଗ ଅବଦାନ ରଖୁଥିବା ପ୍ଲାଷ୍ଟିକ୍ ଉତ୍ପାଦନ ନିୟନ୍ତ୍ରଣ ଆଲୋଚନା ମଧ୍ୟ ବିଫଳ ହେବା ପୃଥିବୀ ପ୍ରତି ଶୁଭସଙ୍କେତ ନୁହେଁ। ବିଶ୍ୱକୁ ପର୍ଯ୍ୟାୟକ୍ରମେ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ୨୦୨୪ ସୁଦ୍ଧା ଏକ ବୈଶ୍ୱିକ ଚୁକ୍ତିନାମା ସମ୍ପାଦନ କରିବାକୁ ୨୦୨୨ ମାର୍ଚ୍ଚ ମାସରେ ଜାତିସଂଘ ପରିବେଶ ପରିଷଦ(ୟୁଏନ୍‌ଇଏ) ଦ୍ୱାରା ଏକ ଯୁଗାନ୍ତକାରୀ ଉଦ୍ୟମ ଆରମ୍ଭ ହୋଇଥିଲା। ଏହାର ଏକ ସକାରାତ୍ମକ ଓ ପ୍ରଭାବଶାଳୀ ନିଷ୍କର୍ଷରେ ପହଞ୍ଚିବା ପାଇଁ ପାଞ୍ଚଟି ବୈଠକ ଧାର୍ଯ୍ୟ କରାଯାଇଥିଲା। ଗତ ସପ୍ତାହରେ ଏହାର ପଞ୍ଚମ ତଥା ଶେଷ ବୈଠକରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରି ନାହିଁ ଏବଂ ବୈଠକକୁ ୨୦୨୫ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ତଦ୍‌ଜନିତ ପରିବେଶ ପ୍ରଦୂଷଣ ଓ ବିଶ୍ୱ ତାପନ ବୃଦ୍ଧି ନିୟନ୍ତ୍ରଣରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ଯେଉଁ ପ୍ରତିବନ୍ଧକ ଦେଖାଦେଇଛି ତାହା ପ୍ଲାଷ୍ଟିକ୍ ଉତ୍ପାଦନ ନିୟନ୍ତ୍ରଣ ଉଦ୍ୟମରେ ମଧ୍ୟ ପ୍ରତିଫଳିତ ହୋଇଛି। ଆଫ୍ରିକୀୟ ଓ ଲାଟିନ୍ ଆମେରିକା ଆଦି ଅଞ୍ଚଳର ଶହେରୁ ଊର୍ଦ୍ଧ୍ୱ ରାଷ୍ଟ୍ର ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ପାଇଁ ଯେଉଁ ସୀମା ନିର୍ଦ୍ଧାରଣ କରିବାକୁ ପ୍ରସ୍ତାବ ଦେଇଥିଲେ ତାହାକୁ ଶିଳ୍ପୋନ୍ନତ ଓ ବିକଶିତ ଦେଶମାନେ ଗ୍ରହଣ କରିନାହାନ୍ତି। ପରିବେଶ ପ୍ରଦୂଷଣ ପାଇଁ ସିଂହଭାଗ ଦାୟୀ ଥିବା ବିକଶିତ ଦେଶମାନଙ୍କ ଅସହଯୋଗ ଯୋଗୁଁ ହିଁ ପ୍ଲାଷ୍ଟିକ୍ ପଞ୍ଝାରୁ ନିକଟ ଭବିଷ୍ୟତରେ ମୁକ୍ତି ପାଇବାର ଆଶା କ୍ଷୀଣ। ଏହି ସୀମା ନିର୍ଦ୍ଧାରଣକୁ ବିରୋଧ କରୁଥିବା ଦେଶଗୁଡ଼ିକର ଯୁକ୍ତି ହେଲା ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ପାଇଲେ ତାହାର ପ୍ରଭାବ ବ୍ୟବସାୟ-ବାଣିଜ୍ୟ ଓ ଅର୍ଥନୀତି ଉପରେ ପଡ଼ିବ। ବିଡ଼ମ୍ବନା ହେଉଛି ଉକ୍ତ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପାହାଡ଼ କୋଳକୁ ଧୀରେ ଧୀରେ ଚାଲିଯାଉଥିବା ଭାରତ ମଧ୍ୟ ପ୍ଲାଷ୍ଟିକ୍ ହ୍ରାସ ବିପକ୍ଷ ମତକୁ ସମର୍ଥନ କରିଛି। ଦକ୍ଷିଣ-ବିଶ୍ୱର ୨୦ଟି ବିକାଶଶୀଳ ରାଷ୍ଟ୍ର ବିଶ୍ୱର ପ୍ରାୟ ୬୯% ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ପାଇଁ ଦାୟୀ। ଏହି ରାଷ୍ଟ୍ରଗୁଡ଼ିକ ଦକ୍ଷିଣ-ଏସିଆ, ଦକ୍ଷିଣ-ପୂର୍ବଏସିଆ ଓ ସାହାରା-ଆଫ୍ରିକୀୟ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଛନ୍ତି। ଅପରପକ୍ଷରେ ଉତ୍ତର-ବିଶ୍ୱର ପ୍ରତିନିଧିତ୍ୱ କରୁଥିବା ବିକଶିତ ରାଷ୍ଟ୍ରମାନଙ୍କରୁ ସର୍ବାଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେଉଥିଲେ ମଧ୍ୟ ଉପଯୁକ୍ତ ପରିଚାଳନା ପୁନଃଚକ୍ରଣ ପଦ୍ଧତିର ସଠିକ୍ କାର୍ଯ୍ୟକାରିତା ଯୋଗୁଁ ସେହି ଦେଶଗୁଡ଼ିକ ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ତାଲିକାରେ ବହୁ ତଳେ ଅଛନ୍ତି। ତେଣୁ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଓ କାର୍ବନ ନିର୍ଗମନ ପାଇଁ ବିକଶିତ ଦେଶଙ୍କଠାରୁ ଆର୍ଥିକ ଓ ବୈଷୟିକ ସହାୟତା ଦାବିକୁ ଭାରତ ପ୍ଲାଷ୍ଟିକ୍ ବର୍ଜ୍ୟ ନିୟନ୍ତ୍ରଣରେ ମଧ୍ୟ ଦୋହରାଇଛି। ସେହିଭଳି ବିକାଶଶୀଳ ଦେଶମାନଙ୍କ ପାଇଁ ଏହା ଯେପରି ଏକ ସହନଶୀଳ ସ୍ତରରେ ପହଞ୍ଚିବ ସେଥିପାଇଁ ମଧ୍ୟ ଭାରତ ପ୍ରସ୍ତାବ ରଖିଛି। ବୈଠକ ବିଫଳ ହେବା ପଛର ଆଉ ଏକ କାରଣ ହେଲା ଚୁକ୍ତିନାମାର ଚିଠା ପ୍ରସ୍ତାବରେ ଥିବା ଦ୍ୱନ୍ଦ୍ୱ। ଚିଠା ପ୍ରସ୍ତାବରେ ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟା, ଏହାର ବିଘଟନ ପ୍ରଣାଳୀ ବା ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱାରୋପ କରାଯାଇଥିବା ବେଳେ ପ୍ଲାଷ୍ଟିକ୍‌ର ସୂକ୍ଷ୍ମ କଣିକା(ମାଇକ୍ରୋପ୍ଲାଷ୍ଟିକ୍)ର ପ୍ରଭାବ ହ୍ରାସ ବିଷୟରେ ଉଲ୍ଲେଖ ନାହିଁ। କିନ୍ତୁ ଯଦି ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ହେବ ତେବେ ମାଇକ୍ରୋପ୍ଲାଷ୍ଟିକ୍‌ର ପରିମାଣ ମଧ୍ୟ ହ୍ରାସ ପାଇ ଚାଲିବ। କେତେକ ବିଶେଷଜ୍ଞଙ୍କ ମତରେ ପ୍ଲାଷ୍ଟିକ୍‌ର ବିକଳ୍ପ ବାହାରି ନ ଥିବାରୁ ଏହାର ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇପାରିବ ନାହିଁ। ଆଉ କେତେକ ବିଶେଷଜ୍ଞଙ୍କ ମତରେ ସରକାର ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ଅନେକ ଲୋକ ଜୀବିକା ହରାଇବେ। ତେଣୁ ଏହା ଏକ ଜୀବନ-ଜୀବିକା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏହାର ସୁଯୋଗ ନେଇ ପ୍ଲାଷ୍ଟିକ୍ ରାଜର ଆଧିପତ୍ୟ ବଢ଼ିବାରେ ଲାଗିଛି। ଯେଉଁମାନେ ପ୍ଲାଷ୍ଟିକ୍ ପ୍ରଦୂଷଣ ନିରୋଧୀ ଆଇନ୍ ପ୍ରଣୟନ କରୁଛନ୍ତି ଏବଂ ଏହା ସପକ୍ଷରେ ବିଭିନ୍ନ ମଞ୍ଚ, ସଭା, ସମିତିରେ ଭାଷଣ ଦେଉଛନ୍ତି ସେମାନେ ବ୍ୟକ୍ତିଗତ ଦୈନନ୍ଦିନ ଜୀବନରେ 'ପ୍ଲାଷ୍ଟିକ୍ ମୋହ'କୁ ପରିହାର କରିପାରୁନାହାନ୍ତି। ତେଣୁ ପ୍ଲାଷ୍ଟିକ୍ ପଞ୍ଝାରୁ ମୁକ୍ତିର ବାଟ ପ୍ରାୟତଃ ବନ୍ଦ ହୋଇସାରିଛି। ବ୍ୟକ୍ତିଗତ ଓ ସରକାରୀ ସ୍ତରରେ ଆନ୍ତରିକ ଉଦ୍ୟମ ସହିତ ବଜାର ବିଶେଷଜ୍ଞ ଓ ଶିଳ୍ପ ଜଗତ ମଧ୍ୟ ଏ ଦିଗରେ ସମନ୍ୱୟ ରକ୍ଷା କରି ଏକ ବିଶ୍ୱବ୍ୟାପୀ ସର୍ବଗ୍ରହଣୀୟ ବିକଳ୍ପ ପନ୍ଥା ଆବିଷ୍କାର କରିବା ଉଚିତ। ମାନବ ସଭ୍ୟତାକୁ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ କରାଗତ କରିବା ପୂର୍ବରୁ ଏ ଦିଗରେ ଉଦ୍ୟମ ହେବା ଆବଶ୍ୟକ। ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ଆଳରେ ପ୍ଲାଷ୍ଟିକ୍ ଉତ୍ପାଦନକୁ ବିରୋଧ କରୁଥିବା ରାଷ୍ଟ୍ରମାନେ ପ୍ରଥମେ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ ଯେ ପ୍ଲାଷ୍ଟିକ୍ ଯୋଗୁଁ ପରିବେଶ ଉପରେ ଯେଉଁ କୁପ୍ରଭାବ ପଡୁଛି ସେଥିରେ ଅର୍ଥନୀତିର କ୍ଷତି ପରିମାଣ କେତେ?



# ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଶହୀଦ: ଜୟୀ ରାଜଗୁରୁ

### ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର

ଭାରତର ସ୍ୱାଧୀନତା ସଂଗ୍ରାମୀ ଇତିହାସରେ ପ୍ରଥମ ଶହୀଦ ହେବାର ସମ୍ମାନ ଜୟୀ ରାଜଗୁରୁଙ୍କୁ ମିଳିବାରୁ ପ୍ରତ୍ୟେକ ଓଡ଼ିଆ ଆଜି ଗର୍ବିତ। ଗୋରା ଇଂରେଜ ଶାସକ ଓ ଶାସନ ବିରୁଦ୍ଧରେ ସେ ପ୍ରତ୍ୟେକଟି ଉତ୍କଳବାସୀଙ୍କ ପ୍ରାଣରେ ବିପ୍ଳବର ବହ୍ନି ଜଳାଇଥିଲେ। ୧୮୦୪ ମସିହା ଡିସେମ୍ବର ତିନି (୩) ତାରିଖ ଦିନ ଖୋର୍ଦ୍ଧାଗଡ଼ ବିଦେଶୀ ଇଂରେଜମାନଙ୍କ କବଜାକୁ ଚାଲିଗଲା। ଅର୍ଥାତ୍ ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗର ପତନ ଘଟିଲା।

ଭାରତର ପ୍ରଥମ ଶହୀଦ ଜୟୀ ରାଜଗୁରୁ ୧୭୩୯ ମସିହା ଅକ୍ଟୋବର ୨୯ ତାରିଖ ଅଂଳା ନବମୀଦିନ ପୁରୀ ଜିଲ୍ଲାର 'ହରେକୃଷ୍ଣପୁର' ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତା ଥିଲେ ପ୍ରସିଦ୍ଧ ପଣ୍ଡିତ 'ଚାନ୍ଦ ରାଜଗୁରୁ' ଓ ମାତା ଥିଲେ ଶ୍ରୀ ଜଗନ୍ନାଥ ପ୍ରାଣଗତ 'ହାରାମଣି ଦେବୀ' ବାଲ୍ୟକାଳରୁ ତାଙ୍କର ନାମ ଥିଲା 'ଜୟକୃଷ୍ଣ ରାଜଗୁରୁ ମହାପାତ୍ର'। ବାଲ୍ୟବେଳକୁ ପ୍ରପିତାମହ ପଣ୍ଡିତ ଶ୍ରୀକୃଷ୍ଣ ରାଜଗୁରୁ ତାଙ୍କୁ ଶାସ୍ତ୍ର ବିଦ୍ୟା ସହ ଚାଣକ୍ୟଙ୍କ କୁଟନୀତି ଅର୍ଥନୀତି ବି ଶିକ୍ଷା ଦେଉଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ। ବେଦ, ପୁରାଣ ଓ ଶାସ୍ତ୍ର ଅଧ୍ୟୟନ କରି କେବଳ ବଂଶ- ପରମ୍ପରାର ରାଜ ପୁରୋହିତ ନଥିଲେ ବରଂ ଜଣେ ଶାସ୍ତ୍ର ବିଶାରଦ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା ଭାବେ ମଧ୍ୟ ଖୁବ୍ ପ୍ରସିଦ୍ଧ ଅର୍ଜନ କରିଥିଲେ। ଉତ୍କଳର ତତ୍କାଳୀନ ରାଜାମାନେ ତାଙ୍କୁ ନିଜର ମନ୍ତ୍ରୀ ଓ ଉପଦେଷ୍ଟା କରିବାକୁ ଚାହୁଁଥିଲେ। ବାପା ଚାନ୍ଦ ରାଜଗୁରୁଙ୍କ ଅନ୍ତେ ସେ ଖୋରଦା ରାଜା ଦିବ୍ୟସିଂହ ଦେବଙ୍କ ରାଜ ସଭାରେ 'ରାଜଗୁରୁ' ତଥା 'ମହାନ୍ତୀ' ରୂପେ ପ୍ରତିଷ୍ଠିତ ହୋଇଥିଲେ। ତା' ପରେ ସେ 'ରାଜଗୁରୁ' ପାଲଟି ଗଲେ। ଖୋର୍ଦ୍ଧାର ରାଜାଙ୍କୁ ଉତ୍କଳର ଶାସକ ଭାବେ ପ୍ରତିଷ୍ଠିତ କରାଇଥିବା ତଥା ସେ ନିଜର ଉଦ୍ୟମ ଚଳାଇଥିଲେ।

ଖୋର୍ଦ୍ଧାଗଡ଼ ଆକ୍ରମଣ ପାଇଁ ଇଂରେଜମାନେ ୧୭୯୮ ମସିହାରେ ଯୁଦ୍ଧ ଆରମ୍ଭ କରିଥିଲେ। ସେତେବେଳେ ରାଜା ଦିବ୍ୟସିଂହ ଦେବ ନିଜର ଜଣେ ସମ୍ପର୍କୀୟ ଭାଇ ଶ୍ୟାମସୁନ୍ଦର ଦେବଙ୍କ ସହଯୋଗରେ ଯୁଦ୍ଧ କଲେ। ହେଲେ ସମୟ ସହାୟ ହୋଇନଥିଲା। ଯୁଦ୍ଧ ସମୟରେ ଗଜପତି ଦିବ୍ୟସିଂହ ଦେଙ୍କର ମୃତ୍ୟୁ ହୋଇଯାଇଥିଲା। ମୁକୁନ୍ଦଦେ (ଦ୍ୱିତୀୟ)ଙ୍କୁ ରାଜ ଗାଦିରେ ବସାଇ ନିଜେ ସମସ୍ତ ଶାସନ ଭାର ଗ୍ରହଣ କରିଥିଲେ ଜୟୀରାଜ ଗୁରୁ। ସମଗ୍ର ଭାରତବର୍ଷକୁ ଇଂରେଜମାନେ ଦଖଲ କରିସାରିଥିବା ଜାଣି ରାଜଗୁରୁ ରାଜ୍ୟସୀମାରେ ଦକ୍ଷ ପାଇକ ସର୍ଦ୍ଦାରମାନଙ୍କୁ ଜାଗିର ଦେଇ ରଖାଇବା ସହ ପ୍ରାଚୀ ନଦୀର ଅବବାହକାର ରାଜସାମନ୍ତ ମାନଙ୍କୁ 'ରାଜ ଶିରିପା' ପ୍ରଦାନ ପୂର୍ବକ ହାତକୁ ଆଣି ସେମାନଙ୍କୁ ପୂର୍ବସାଗର ସୀମାରେ ସୁରକ୍ଷାରେ ଲଗାଇଲେ। ପାଇକ ସର୍ଦ୍ଦାର ଓ ରାଜସାମନ୍ତଗଣ ରାଜ ଗୁରୁଙ୍କର ନିର୍ଦ୍ଦେଶମତେ କାର୍ଯ୍ୟ କରିଚାଲିଲେ। ୧୮୦୪ ମସିହାରେ ମହାନଦୀ କୂଳରେ ପ୍ରଥମେ ଇଂରେଜମାନଙ୍କ ଉପରେ ଏମାନେ ଆକ୍ରମଣ କଲେ। ଇଂରେଜମାନେ ଛତ୍ରଭଙ୍ଗ ଦେଲ, ଏବେ ସଂଗ୍ରାମର ମୁଖ ସ୍ଥାନ ଦ୍ୱୟ ହେଲା ଅର୍କକ୍ଷେତ୍ର 'କୋଣାର୍କ' ଓ 'ଧୁମାଣି' ଆମ୍ରଉଦ୍ୟାମ'। ଇଂରେଜମାନେ ଅସ୍ତବ୍ୟସ୍ତ ହୋଇ ପଡ଼ିଲେ। ବହିଃଶତ୍ରୁ ଆକ୍ରମଣରୁ ଖୋର୍ଦ୍ଧାଗଡ଼କୁ ରକ୍ଷା କରିବା ପାଇଁ ବରୁଣେଇ ଗଡ଼କୁ ସୁଦୃଢ଼ କଲେ। ଖୋର୍ଦ୍ଧା ଅଞ୍ଚଳରେ ପାଇକ ଜାଗରଣ ଆରମ୍ଭ କଲେ। ପାଇକ ଆଖଡ଼ା ମାନଙ୍କରେ ସମର ଶିକ୍ଷା ଦିଆଚାଲିଲା। ଜୟୀ ରାଜଗୁରୁ ଇଂରେଜଙ୍କ ବିରୁଦ୍ଧରେ ଗରିଲା ଯୁଦ୍ଧ କୌଶଳ ଆରମ୍ଭ କଲେ। ଚତୁର ଇଂରେଜ ରାଜଗୁରୁଙ୍କୁ ବୁଝାଇ, ଅନେକ ପ୍ରଲୋଭନ ଦେଖାଇ ବଶ୍ୟତା ସ୍ୱୀକାର କରିବାକୁ ଅନୁରୋଧ କଲେ। ମାତ୍ର ସେମାନେ ବିଫଳ ହେଲେ। କିନ୍ତୁ କୁଚକ୍ରୀ ଇଂରେଜମାନେ ରାଜ ଅନୁଗତ 'ଚରଣ ପଟ୍ଟନାୟକ'ଙ୍କୁ ହାତ କରି ମଧ୍ୟ ରାତ୍ରରେ ଚିଲିକାକୁ ପ୍ରବେଶ କରି ଖୋର୍ଦ୍ଧା ଗଡ଼କୁ ଦଖଲ କଲେ ଓ ଜୟୀ ରାଜଗୁରୁ ଏବଂ ଗଜପତି ମୁକୁନ୍ଦଦେବଙ୍କୁ ବନ୍ଦୀ କଲେ। ରାଜଦ୍ରୋହ ଅପରାଧରେ ଉଭୟଙ୍କ ଦୋଷୀ ଦେଖାଇ ବିପ୍ଳବ ଆରମ୍ଭ କରାଗଲା।

କିନ୍ତୁ ବିଚାର ଆରମ୍ଭ ହେବା ମାତ୍ରେ, ରାଜଗୁରୁ ନିଜର ପକ୍ଷ ରଖି କହିଲେ ' ଗଜପତି ନାବାଳକ ଦୃଷ୍ଟିରୁ ବିଚାର ପରିସରକୁ ଆସିପାରିବେ ନାହିଁ, ନାବାଳକ ଗଜପତି ରାଜ୍ୟ ପରିଚାଳନା ଦାୟିତ୍ୱ ରାଜଗୁରୁଙ୍କୁ ଅର୍ପଣ କରିଥିବାରୁ କେବଳ ମୁଁ ବିଚାର ପରିସରକୁ ଆସିବି। 'ଚତୁର ବିଚାରକ ମଣ୍ଡଳୀ ଜୟୀ ରାଜଗୁରୁଙ୍କ କଥା ମତେ ଗଜପତିଙ୍କୁ ମୁକ୍ତ କରି ପୁରୀ ପଠାଇଲେ କେବଳ ଶ୍ରୀମନ୍ଦିର ପରିଚାଳନା ପାଇଁ। ୧୮୦୬ ମସିହାରେ ରାଜଗୁରୁଙ୍କର ବିଚାର ଆରମ୍ଭ ହେଲା ଓ ସେ ବର୍ଷ ଡିସେମ୍ବର ୩ ତାରିଖରେ ଅନ୍ତିମ ବିଚାର ହେଲା। ଚତୁର ଇଂରେଜ ଭାବିଥିଲେ ରାଜଗୁରୁ ନରମି ଯିବେ। ମାତ୍ର ରାଜଗୁରୁ ସ୍ପଷ୍ଟ ଭାବରେ ଜଣାଇ ଦେଲେ ଯେ 'ଜନ୍ମଭୂମିର ସୁରକ୍ଷା ପାଇଁ ସଂଗ୍ରାମ କରିବା ପ୍ରତ୍ୟେକ ଦେଶଭକ୍ତ ନାଗରିକର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ। ଏଣୁ ମୋତେ ସମ୍ମାନ ମିଳିବା କଥା ଦଣ୍ଡ ନୁହେଁ। ଇଂରେଜଙ୍କର ଗୋଲାମ ହେବା ଅପେକ୍ଷା ଜନ୍ମଭୂମି ପାଇଁ ଜୀବନ ଦେବାକୁ ସେ ଅଧିକ ପସନ୍ଦ କରନ୍ତି ବୋଲି ତାଙ୍କ ବକ୍ତବ୍ୟରେ ବିଚାରଙ୍କୁ ଜଣାଇଦେଲେ। ଏହାପରେ ଇଂରେଜ ବିଚାରକ ମଣ୍ଡଳୀ ସ୍ଥିର କଲେ ତାଙ୍କୁ ଅଧିକ କାଳ ବଞ୍ଚାଇ ରଖିବା ପାଇଁ ଏହି କୁତ୍ସିତ ମାନସିକତା।

ସମୟ ଆସିଲା ଅଗଣିତ ଶହୀଦମାନଙ୍କ ରକ୍ତ ବଦଳରେ ଆମକୁ ସ୍ୱାଧୀନତା ମିଳିଲା। ମାତ୍ର ଏପରି ଅନେକ ଅମର ଶହୀଦମାନଙ୍କୁ ଓ ସେମାନଙ୍କର ବଳିଦାନ ସ୍ମରକୀ ସ୍ଥଳକୁ ବି ଆମେ ଧୀରେ ଧୀରେ ଭୁଲିଗଲେ। ଫଳ ହେଲା ଆମ ପିଲାଙ୍କଠାରେ ଦେଶଭକ୍ତିର ଘୋର ଅଭାବ। ଏହି ଅଭାବ ପୂରଣ ପାଇଁ ଭବିଷ୍ୟତ ପିଢ଼ିଙ୍କୁ ଦେଶଭକ୍ତ ନାଗରିକ କରି ଗଢ଼ିବାର ଦାୟିତ୍ୱ ଆମ ସମସ୍ତଙ୍କର। ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେ ଅତ୍ୟାଚାରୀ କୁଚକ୍ରୀ ଓ ଶୋଷକ ଇଂରେଜ ମାନଙ୍କ ସାମ୍ନାରେ ଶେଷ ପର୍ଯ୍ୟନ୍ତ ମୁଣ୍ଡ ନୁଆଁଇ ନଥିଲେ, ଏହି ମହାନ ବିପ୍ଳବୀ। ତାଙ୍କ ଦ୍ୱାରା ଅନୁସୃତ ପନ୍ଥା ପରବର୍ତ୍ତୀ ସମୟରେ 'ପାଇକ ବିଦ୍ରୋହ'କୁ ମଧ୍ୟ ପ୍ରେରଣା ଦେଇଥିଲା। ତାଙ୍କର ଦେଶପ୍ରେମ, ସାହସ, ତ୍ୟାଗ ଓ ମାତୃଭୂମି ପ୍ରୀତି ଓଡ଼ିଶା ତଥା ଭାରତ ଇତିହାସରେ ଗୌରବମୟ ଅଧ୍ୟାୟ। ସେହି ମହାନ ସଂଗ୍ରାମୀ ତଥା ଶହୀଦଙ୍କର ବଳିଦାନ ପାଇଁ ଭବିଷ୍ୟତ ପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ। ଜୟୀ ରାଜଗୁରୁଙ୍କର ମହାନ ଅବଦାନ ଓ ଅମ୍ଳାନ ଚରିତ୍ରକୁ ଓଡ଼ିଶାମାଟି ଚିରକାଳ ଝୁରିବ। ଏଥିରେ ସନ୍ଦେହର ଅବକାଶ ନାହିଁ। ତାଙ୍କର ମହାପ୍ରୟାଣ ତିଥିରେ ତାଙ୍କୁ ମୋର ଶତକୋଟି ବିନମ୍ର ପ୍ରଣାମ।

ପ୍ରଜ୍ଞାନୀଡ଼
ବସନ୍ତ ବିହାର, ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪





# ଭାରତ ଧର୍ମ ନିରପେକ୍ଷ ଓ ସମାଜବାଦୀ କାହିଁକି ?

### ଗୋପାଳ ମହାପାତ୍ର

ମାନ୍ୟବର ସୁପ୍ରିମ୍‌କୋର୍ଟ ଗତ ନଭେମ୍ବର ମାସ ୨୫ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ସମ୍ବିଧାନର ମୂଳ ପ୍ରସ୍ତାବନାରେ ୧୯୭୬ ମସିହାରେ ଜରୁରୀ କାଳୀନ ପରିସ୍ଥିତି ବେଳେ ଯୋଡ଼ାଯାଇଥିବା ସମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦକୁ ହଟାଯିବ ନାହିଁ ବୋଲି କହିଛନ୍ତି। କୋର୍ଟ କହିଛନ୍ତି ଯେ ଏ ଦୁଇ ଶବ୍ଦ ହେଉଛି ସମ୍ବିଧାନର ବୁନିଆଦି ଢାଞ୍ଚାର ଅତୁଟ ଅଙ୍ଗ। ଏଥିରୁ ସ୍ପଷ୍ଟ ଯେ ଆମ ସମ୍ବିଧାନ ନିର୍ମାତା ମାନଙ୍କର ସ୍ପଷ୍ଟ ଲକ୍ଷଥିଲା ଯେ ସ୍ୱାଧିନ ଭାରତ ଏମିତି ଏକ ରାଷ୍ଟ୍ର ହେବ ଯେଉଁଠି ସରକାର ବା ଶାସନର କୌଣସି ଧର୍ମ ରହିବ ନାହିଁ ଓ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ମିଳିବ। ସମାଜବାଦର ଅର୍ଥ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ସମାନ ଅଧିକାର ମିଳିବ। ଏପରିକି ରାଷ୍ଟ୍ରର ଆୟ ଓ ସମ୍ପତ୍ତିରେ ପ୍ରତ୍ୟେକ ନାଗରିକଙ୍କର ସମାନ ଭାଗିଦାରୀ ସ୍ଥିର ହୋଇପାରିବ। ଏଇଥିପାଇଁ ସମ୍ବିଧାନରେ ସମତା ଓ ବନ୍ଧୁତ୍ୱ ଶବ୍ଦ ରଖାଯାଇଛି ଏବଂ ପ୍ରତ୍ୟେକଙ୍କୁ ଏକ ସମାନ ଦୃଷ୍ଟିରେ ନ୍ୟାୟ ଉପଲବ୍ଧ କରାଯିବା କଥା କୁହାଯାଇଛି। ୧୯୭୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ସମ୍ବିଧାନର ୪୨ତମ ସଂଶୋଧନ କରିବା ବେଳେ କେବଳ ଯେ ଦୁଇଟି ଶବ୍ଦକୁ ଯୋଡ଼ାଯାଇଥିଲା ତାହା ନୁହେଁ ବରଂ ୮ଟି ପ୍ରମୁଖ ଉପବନ୍ଧ ଲେଖା ଯାଇଥିଲା। ଏଥିରେ ସବୁଠାରୁ ମହତ୍ୱପୂର୍ଣ୍ଣ ନାଗରିକଙ୍କ ମୂଳ କର୍ତ୍ତବ୍ୟ ଥିଲା। ସମ୍ବିଧାନ ନିର୍ମାତାମାନେ କେବଳ ନଗରିକଙ୍କ ମୂଳ ଅଧିକାର ବାବଦରେ ଲେଖିଥିଲେ କିନ୍ତୁ ଜରୁରୀକାଳୀନ ପରିସ୍ଥିତି ବେଳେ କର୍ତ୍ତବ୍ୟକୁ ମୂଳ ଭାବନାର ଅଂଶ ବୋଲି କୁହାଯାଇଥିଲା। ଏହାବ୍ୟତୀତ ପରିବେଷ ସଂରକ୍ଷଣ, ସମାନ ନ୍ୟାୟ ଓ ପ୍ରତ୍ୟେକ (ଗରୀବ) ନାଗରିକଙ୍କୁ ମାଗଣା ଆଇନ ସହାୟତା ଦିଆଯିବା, ଶ୍ରମିକଙ୍କ ପ୍ରବନ୍ଧନରେ ଭାଗିଦାରୀ ଏବଂ ଭାରତର ଅଖଣ୍ଡତା କଥା ମଧ୍ୟ ସମ୍ବିଧାନର ଅଂଶ ବୋଲି ୪୨ ତମ ସଂଶୋଧନରେ ଯୋଡି ଦିଆଯାଇଥିଲା। ଏଥିରେ ସର୍ବାଧିକ ମହତ୍ୱ ମୂଳ କର୍ତ୍ତବ୍ୟକୁ ତ ଦିଆଯାଇଥିଲା କିନ୍ତୁ ଗରୀବ ନାଗରିକଙ୍କ ପାଇଁ ରାଷ୍ଟ୍ର(ଦେଶ)ର ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ଦେଶରୁ ଜରୁରୀକାଳୀନ ପରିସ୍ଥିତି ହଟିବାପରେ ନିର୍ବାଚନରେ ଯେତେବେଳେ ବିରୋଧି ଦଳ ମାନଙ୍କ ମେଣ୍ଟ ଜନତା ପାର୍ଟି ସରକାର ଗଠନ କଲେ ସେତେବେଳେ ସମ୍ବିଧାନରେ ୪୩ତମ ଓ ୪୪ତମ ସଂଶୋଧନ କରାଯାଇଥିଲା ହେଲେ ଅଣ କଂଗ୍ରେସ ମେଣ୍ଟର ସରକାର ୪୨ତମ ସଂଶୋଧନ ବେଳେ ଯୋଡ଼ାଯାଇଥିବା ଦୁଇ ଶବ୍ଦ ଓ ଉପବନ୍ଧକୁ ହଟାଇନଥିଲେ। ଏବେ ପ୍ରଶ୍ନ ଉଠୁଛି ଯେ ଇନ୍ଦିରା ଗାନ୍ଧୀ ୪୨ତମ ସଂଶୋଧନରେ ଏହି ଦୁଇ ଶବ୍ଦ ଯୋଡିଲେ କାହିଁକି ? ଏବେ ୪୨ ତମ ସଂଶୋଧନର ସମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦକୁ ନେଇ ଆପତ୍ତି ଉଠୁଛି କାହିଁକି ? ଏସବୁ କୁ ବୁଝିବାକୁ ହେଲେ ଗୋଟିଏ କଥା ସ୍ପଷ୍ଟ ଯେ ବିରୋଧ କରୁଥିବା ରାଜନୈତିକ ଦଳ ବା ବ୍ୟକ୍ତିଙ୍କ ନଜରରେ ସମାଜବାଦର ଅର୍ଥ ବୋଧହୁଏ ସାମ୍ୟବାଦ ନିକଟରେ ପହଞ୍ଚିଯାଉଛି। ସ୍ୱାଧିନତା ଆନ୍ଦୋଳନ ବେଳେ ସ୍ପଷ୍ଟ ହୋଇଯାଇଥିଲା ଯେ ସ୍ୱାଧିନତା ପାଇଁ ଲଢେଇ କରୁଥିବା କଂଗ୍ରେସ ପାର୍ଟି ସ୍ୱାଧିନ ଭାରତରେ ଗାନ୍ଧୀଙ୍କ ସିଦ୍ଧାନ୍ତର ସମାଜବାଦ ଲାଗୁ କରିବ। କଂଗ୍ରେସର ଲକ୍ଷ୍ନୌ ଅଧିବେଶନରେ ପଣ୍ଡିତ ଜବାହରଲାଲା ନେହେରୁ ସ୍ପଷ୍ଟ କରିଦେଇଥିଲେ ଯେ ତାଙ୍କ ଦଳ ଦେଶରେ ଜମିଦାରୀ ପ୍ରଥା ସମାପ୍ତ କରିବ ଏବଂ ଚାଷିଙ୍କୁ ଜମିର ମାଲିକାନା ହକ୍ ଦେବ। ନେହେରୁଙ୍କ ଏହି ବକ୍ତବ୍ୟ ପରେ ମୁସଲିମ୍ ଲିଗ୍‌ର ନେତା ଜିନ୍ନା ବିଗିଡି ଯାଇଥିଲେ କାରଣ ସେତେବେଳେ ମୁସଲିମ୍‌ଲିଗ୍‌ରେ କେବଳ ବଡ଼ ବଡ ମୁସଲିମ ଜମିଦାର ଓ ଧନୀ ବ୍ୟକ୍ତି ହିଁ ସଦସ୍ୟ ଥିଲେ।


୧୯୩୬ ମସିହାରେ ଯେତେବେଳେ ପ୍ରାନ୍ତିୟ ବିଧାନସଭାର ପ୍ରଥମ ନିର୍ବାଚନରେ କଂଗ୍ରେସ ବିଜୟୀ ହେଲା ସେତେବେଳେ କଂଗ୍ରେସ ଜମିଦାରୀ ଉଚ୍ଛେଦ ପାଇଁ ଉଦ୍ୟମ କଲା। କଂଗ୍ରେସର ଏହି ନିଷ୍ପତ୍ତିରେ କେବଳ ଯେ ମୁସଲିମଲିଗ୍ ଆତଙ୍କିତ ହେଲା ତା ନୁହେଁ ବରଂ ଇଂରେଜ ସରକାର ମଧ୍ୟ ଏଥିପାଇଁ ଅସନ୍ତୋଷ ପ୍ରକାଶ କରିବା ସହ ଭାରତ ସ୍ୱାଧିନ ହେଲେ ସୋଭିଏତ ସଂଘର ବିଚାରଧାରାକୁ ଆପଣେଇ ନେବ ବୋଲି ଆଶଙ୍କା କରିଥିଲେ। ଏହା ହେଉଛି ଏକ ଐତିହାସିକ ତଥ୍ୟ। ପାକିସ୍ତାନୀ ମୂଳର ସ୍ୱିଡିସ୍ ରାଜନୀତି ବିଜ୍ଞାନୀ ଡ଼କ୍ଟର ଇସ୍ତିୟାକ ଅହମଦ ତାଙ୍କ ଲିଖିତ "ଜିନ୍ନା ଉନକି ରାଜନୈତିକ ସଫଳତାଏଁ ଓ ବିଫଳତା ଏଁ ଓ ବଣ୍ଟଓ୍ୱାରା ମେଁ ଉନକି ଭୂମିକା" ପୁସ୍ତକରେ ଏକଥା ଉଲ୍ଲେଖ କରିଛନ୍ତି। ଏଣୁ ଏକଥା ସ୍ପଷ୍ଟ ହୋଇଯାଇଛି ସ୍ୱାଧିନ ଭାରତରେ ସମାଜବାଦ କଂଗ୍ରେସର ଲକ୍ଷ ଥିଲା। ଏଥି ସହିତ ଧର୍ମ ନିରପେକ୍ଷତା ସମ୍ପର୍କରେ ମଧ୍ୟ ଆମେ କୌଣସି ଭ୍ରମରେ ରହିବାର ଆବଶ୍ୟକତା ନାହିଁ। ଏହି ଧର୍ମନିରପେକ୍ଷ ଶବ୍ଦ ସହ ଭାରତର ୫ହଜାର ବର୍ଷର ପୁରୁଣା ସଂସ୍କୃତି ଯୋଡି ହୋଇ ରହିଛି।

ଖ୍ରୀଷ୍ଟପୂର୍ବ ୩ହଜାର ବର୍ଷ ପୂର୍ବର ସମୟ ପର୍ଯ୍ୟନ୍ତ ଧର୍ମ ଜୀବନର ଆବଶ୍ୟକ ଅଂଗ ନଥିଲା। କିନ୍ତୁ ଧିରେ ଧିରେ ଯେତିକି ଆର୍ଥୀକ ବିକାଶ ଘଟିଲା ଏବଂ ସମ୍ପତ୍ତିର ମାଲିକ ହେବାର ବିଚାର ବଢିବାରେ ଲାଗିଲା ସେଇ ଅନୁସାରେ ଧର୍ମ ବିକଶିତ ହେବାରେ ଲାଗିଲା ଓ ଦେବୀ ଦେବତାଙ୍କ ସଂଖ୍ୟା ମଧ୍ୟ ବଢିବାକୁ ଲାଗିଲା। ପ୍ରଥମେ ସୂର୍ଯ୍ୟଉପାସନା ଠାରୁ ଆରମ୍ଭ କରି ଅନ୍ୟ ପ୍ରାକୃତିକ ଶକ୍ତି ମାନଙ୍କର ଉପାସନା ପଦ୍ଧତି ବିକଶିତ ହୋଇଥିଲା ଏବଂ କର୍ମକାଣ୍ଡର ସ୍ଥାପନା ବୈଦିକ କାଳରେ ହୋଇଥିଲା। ଏହା ପରେ ଜୈନ ଓ ବୌଦ୍ଧଧର୍ମ ପୁନଃ ପ୍ରକୃତିର ସତ୍ତାକୁ ଏକ ସ୍ୱରୂପ ଭାବେ ସ୍ୱୀକାର କରିଥିଲେ ଏବଂ ଏହି ସମୟରେ କୁହାଗଲା ଯେ "ଧାରୟତି ସଃ ଧର୍ମଃ" ଅର୍ଥାତ୍ ଯିଏ ଧାରଣ କରିବାର ଯୋଗ୍ୟ ସିଏ ଧର୍ମ ଅଟେ। ଏଥିରେ ପୂଜା ପଦ୍ଧତି କଥା କେଉଁଠି ଉଲ୍ଲେଖ କରାଯାଇନାହିଁ। ହିନ୍ଦୁ ସଂସ୍କୃତି ଯାହାକୁ ଆମେ ମାନୁଛେ ତାହା ମନୁସ୍ମୃତିରୁ ହିଁ ଆସିଛି ଯେଉଁଥିରେ ୪ବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୁଦ୍ରର ବ୍ୟବସ୍ଥା ରହିଛି। ଏହି ୪ବର୍ଣ୍ଣର ଲୋକଙ୍କ କାର୍ଯ୍ୟର ବିଭାଜନ କେବଳ ସମ୍ପତ୍ତି ସଞ୍ଚୟର ବ୍ୟବସ୍ଥା କୁ ହିଁ ଦର୍ଶାଇଥାଏ। ଏଭଳି ବିଶ୍ଳେଷଣ ଭାରତର ବିଜ୍ଞଜନମାନଙ୍କ ଦ୍ୱାରା କରାଯାଇଛି। ଏହିଥିପାଇଁ ସଂସ୍କୃତି ଏବଂ ଧର୍ମକୁ ଯେତେବେଳେ ଆମେ ଆମ ନିଜ ନିଜର ଦୃଷ୍ଟିରେ ଦେଖୁଛେ ସେତେବେଳେ ଆମ ମନରେ କେମିତି ଏକ କିଂଭୂତ କିମାକାର ଚିନ୍ତା ଉପୁଜିଥାଏ।

ଖ୍ରୀଷ୍ଟାବ୍ଦର ପ୍ରାରମ୍ଭ ଏବଂ ଯଦି ଆମେ ସମ୍ରାଟ କନିଷ୍କଙ୍କ ଶାସନ ସମୟକୁ ଦେଖିବା ତେବେ ସେତେବେଳେ ବୌଦ୍ଧ ଧର୍ମର ଅନୁଗାମୀ ମାନେ ଥିଲେ ଓ ସେତେବେଳ ମୂର୍ତ୍ତୀ ପୂଜା ମଧ୍ୟ ହେଉଥିଲା। ବୌଦ୍ଧ ଧର୍ମରେ ମହାଯାନର ପ୍ରାରମ୍ଭ ହେଲା ଓ ପାଲି ଭାଷାରେ ବୌଦ୍ଧ ସାହିତ୍ୟ ଲେଖା ଯାଇଥିଲା। ଏଥିସହ ସଂସ୍କୃତ ଭାଷାରେ ଲେଖିବାକୁ ମଧ୍ୟ ଅନୁମତି ମିଳିଥିଲା, ପୂର୍ବରୁ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ଶାସନଥିଲା ଓ ଚନ୍ଦ୍ରଗୁପ୍ତ ଜୈନ ଧର୍ମର ଅନୁଗାମୀ ଥିଲେ କିନ୍ତୁ ତାଙ୍କ ପୌତ୍ର ସମ୍ରାଟ ଅଶୋକ ବୌଦ୍ଧ ଧର୍ମକୁ ମାନୁଥିଲେ। ଏବେ ଆମେ ଯାହାକୁ ହିନ୍ଦୁ ସଂସ୍କୃତି ବୋଲି ମାନୁଛେ ତାହା ବହୁଳତା ବାଦ ଥିଲା ଏବଂ ଏଇଥିପାଇଁ ଆମେ ଭାରତୀୟ ପ୍ରାରମ୍ଭରୁ ହିଁ ଧର୍ମନିରପେକ୍ଷତାକୁ ମାନି ଆସୁଥିଲେ। ୨୦୦୦ ମସିହା ପାଖାପାଖି କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଥିଲା। ତାଙ୍କ ସରକାରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିଲେ ପ୍ରମୋଦ ମହାଜନ। ପ୍ରମୋଦ ମହାଜନ ଥରେ ସଂସଦକୁ ଭାରତୀୟ ସମ୍ବିଧାନର ମୂଳ ହାତଲେଖା କପିର ଜେରକ୍ସ କପି ଆଣି ଆସିଥିଲେ। ସେହି ମୂଳ କପିରେ ମର୍ଯ୍ୟାଦାପୁରୁଷୋତ୍ତମ ରାମଙ୍କ ଲଙ୍କା ବିଜୟ ପରେ ଅଯୋଧ୍ୟା ଫେରିବାର ଚିତ୍ର ସହ ବାଦଶାହ ଆକବର ଏବଂ ଟିପୁ ସୁଲତାନଙ୍କ ଚିତ୍ର ଅଙ୍କିତ ଥିଲା।


ପ୍ରମୋଦ ମହାଜନ ଲୋକସଭାରେ ଯୁକ୍ତି ଦର୍ଶାଇଥିଲେ ଯେ ଯେହେତୁ ସମ୍ବିଧାନର ମୂଳ କପିରେ ରାମଙ୍କ ଚିତ୍ର ରହିଛି ତେଣୁ ସମ୍ବିଧାନର ମୂଳ ପ୍ରସ୍ତାବନାରୁ ଧର୍ମନିରପେକ୍ଷ ଶବ୍ଦକୁ ହଟାଯିବା ଆବଶ୍ୟକ ଏବଂ ସମାଜବାଦ ଶବ୍ଦକୁ ମଧ୍ୟ ହଟାଯିବା ଆବଶ୍ୟକ କାରଣ ଭାରତ ଏବେ ବଜାର ମୂଳକ ଅର୍ଥବ୍ୟବସ୍ଥା ଅର୍ଥାତ୍ ପୁଞ୍ଜିବାଦର ନୀତିରେ ଚାଲିଛି। ଲୋକସଭାରେ ପ୍ରମୋଦ ମହାଜନଙ୍କ ଏହି ତର୍କ ବା ବୟାନକୁ ବିରୋଧ କରାଯାଇଥିଲା ଓ କୁହାଯାଇଥିଲା ଯେ ମୂଳ କପିକୁ ସୁନ୍ଦର କରିବା ପାଇଁ ଚିତ୍ରକର ନନ୍ଦଲାଲ ବୋଷ ଏହି ଚିତ୍ର ଆଙ୍କିଥିଲେ। କିନ୍ତୁ ତାଙ୍କ ଉଦେଶ୍ୟ ଧାର୍ମିକ ନଥିଲା ବରଂ ରାଷ୍ଟ୍ରୀୟ ଥିଲା। ପ୍ରମୋଦ ମହାଜନଙ୍କ ମନ୍ତବ୍ୟ/ଯୁକ୍ତିକୁ ସେତେବେଳେ କଂଗ୍ରେସ ନେତା ପ୍ରିୟରଞ୍ଜନ ଦାସ ମୁନସୀ ବ୍ୟାପକ ସମାଲୋଚନା କରିଥିଲେ। ଦାସ ମୁନସୀ କହିଥିଲେ ଯେ ଆର୍ଥୀକ ଉଦାରୀକରଣ ନୀତିକୁ କଂଗ୍ରେସ ସରକାର ଲାଗୁକରିଥିଲା ଭାରତର ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ। ନେହେରୁଙ୍କ ସମୟରୁ ଭାରତ ମିଶ୍ରିତ ଅର୍ଥବ୍ୟବସ୍ଥାକୁ ଆପଣେଇ ଚାଲିଥିଲା କିନ୍ତୁ ଡ଼କ୍ଟର ମନମୋହନ ସିଂହ କେନ୍ଦ୍ରରେ ଅର୍ଥମନ୍ତ୍ରୀ ଥିବାବେଳେ ଭାରତତର ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ଉଦାରୀକରଣ ନୀତିକୁ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ଏହାର ଅସଲ ଉଦେଶ୍ୟ ଗରୀବଙ୍କୁ ସମ୍ପନ୍ନ କରିବା ଓ ଭାରତୀୟ ବହୁଳତା ବାଦ ସଂସ୍କୃତିକୁ ବଜାୟ ରଖିବା। ଏଣୁ ଏଥିରୁ ସ୍ପଷ୍ଟ ଯେ ମୂଳ କପିରେ ରାମାୟଣର ରାମ ଓ ଆକବରଙ୍କ ଚିତ୍ର କାହିଁକି ଅଙ୍କାଯାଇଥିଲା। ଏସବୁରୁ ଭାରତ କାହିଁକି ଧର୍ମ ନିରପେକ୍ଷ ଓ ସମାଜବାଦୀ ସେକଥା ସହଜରେ ବୁଝିହେବ।

ରାମଚନ୍ଦ୍ରପୁର, ରଣପୁର
ମୋ :- ୯୪୩୮୪୮୫୦୯୪




## ପ୍ରିୟା ବିନା

### ହରେରାମ ପଣ୍ଡା



ସେଦିନ ସଞ୍ଜରେ ତୁମ ଅଗଣାରେ
ହସୁଥିଲା ରୂପା ଜହ୍ନ,
ମୁଁ ଖୋଜୁଥିଲି ଆଖିରେ ତୋହର
ଛନ ଛନ ଗୋଟେ ମନ ।
ଶୀତୁଆ ପବନ ଛୁଇଁ ଯାଉଥିଲା
ଥରି ଯାଉଥିଲା ଦେହ,
ତୋ ଦେହର ତାତି କହି ଦେଉଥିଲା
ଯାହା କହିବାର ନୁହଁ ।
ଜହ୍ନ ଆଲୁଅରେ ଚମକୁଥିଲା ତୋ
ଖୋସାରେ ମଲ୍ଲୀ ଗଜରା,
ତାଠାରୁ ଅଧିକ ତୋ ମନ ମହକ
ମୋ ପାଇଁ ଥିଲା ନିଆରା ।
ତୋ ମୁହଁକୁ ଚାହିଁ କହୁଥିଲି କିଛି
ମୋ ମନ ତଳର କଥା,
ଜାଣେନା ତୋ ମନେ
ଖୁସି ଦେଇଛି କି
ଦେଇଛି କି କିଛି ବ୍ୟଥା ।
ପୀରତିରେ ଭିଜା ମୁହଁଟା ତୋହର
ପଡ଼ି ଆସୁଥିଲା ନାଲି,
ନ କହି ନ କହି କହିଦେଲି ମୁହିଁ
ତତେ ଭଲପାଏ ବୋଲି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫

## ପୁନର୍ମିଳନ

### ସିଦ୍ଧେଶ୍ୱର ତ୍ରିପାଠୀ

ବହୁ ଦିନର ସେ ଅଧୁରା ସପନ
ଆଜି ସତ ହୋଇ ଗଲା
ଦେହ ଦହନର ଅଦେଖା ନିଆଁକୁ
ତୋ ପରଶ ଲିଭେଇଲା ।

ସିଏବି ଯନ୍ତ୍ରଣା ଇଏବି ଯନ୍ତ୍ରଣା
ତଥାପି ଭରିଛି ମୋହ
ଦୁନିଆଁ ଦାଣ୍ଡରେ ହେଲି ମହାପାପି
ଏମିତି ମୁଁ ଅସହାୟ ।

ତୋ ଆଖି ଆଗରେ ଦୁର୍ବଳତା ମୋର
ଆପେ ଧରା ପକାଇଲା
ବହୁ ଦିନରସେ ଅଧୁରା ସପନ
ଆଜି ସତ ହୋଇଗଲା ।


ବୁଝିବି ଅବୁଝା ହେଲା ଏଇ ମନ
ବୁଦ୍ଧି ବିବେକକୁ ଭୁଲି
ବେରଙ୍ଗ ଜୀବନ କ୍ଷଣିକ ସୁଖରେ
ଦିଶେ ଆଜି ନାଲି ନାଲି ।

ତୋ ତନୁ ମନର ବିରଳ ସାନ୍ନିଦ୍ଧ
ସ୍ମୃତିରୁ ଖିଏ ଯୋଡ଼ିଲା
ବହୁ ଦିନର ସେ ଅଧୁରା ସପନ
ଆଜି ସତ ହୋଇଗଲା ।

ଖୋର୍ଦ୍ଧା
ମୋ:୭୦୦୮୩୧୫୦୪୦

## ସେଇ ଭୁଲ୍ ପାଇଁ

### ଅରୁଣ କୁମାର ଦାସ



ଦୁର୍ବଳ ମୁହୂର୍ତ୍ତର କ୍ଷଣିକ ଉତ୍ତେଜନା
ପଞ୍ଚେନ୍ଦ୍ରୀୟର ସଞ୍ଜମତା ହରାଇ
ଫସିଯିବାକୁ ହୁଏ
ଜ୍ଞାତସାରରେ ଅବା ଅଜ୍ଞାତରେ
କଳଙ୍କିତ ଅଧ୍ୟାୟର ଅୟମାରମ୍ଭ ।
ବଜ୍ର ଶପଥ ନେଇ ସମାଧି କରିବାର
ଦୁର୍ବାର ଅପଚେଷ୍ଟା ଓଳି ଛାଞ୍ଚରୁ ପଡି
ଫୋଟକା
ଶୂନ୍ୟରେ ମିଳାଇ ଯିବା ପରି
କୁକୁର ଲାଞ୍ଜ ବାର ବର୍ଷ ବଙ୍କା
ନ୍ୟାୟରେ।
ପରିସ୍ଥିତିର ଭାରସାମ୍ୟ ରକ୍ଷା କରିବା
ଅଥବା ଉପରିସ୍ଥ ଅଧିକାରୀଙ୍କ କଥାକୁ
ସମ୍ମାନ
ସାମୟିକ ଉତ୍ତେଜନାର ନିର୍ମମ ସ୍ୱାକ୍ଷର
ବୃଥା କୁହୁଡ଼ି ପହଁରା
ମେଞ୍ଚା ମେଞ୍ଚା ଅପବାଦର କଳଙ୍କ
ଟୀକା
ଆଟଲାସ୍ ପରି ମୁଣ୍ଡରେ ବହନ କରି
ସାରା ଜୀବନ ଅତିବାହିତ କରିବା
ହେଉଛି ସେଇ ଭୁଲଟି ।
ମହାବାତ୍ୟାରେ ଉଜୁଡି ଯାଇଥିବା
ବାସଟିକୁ
ଝାଟିମାଟି କୁଡ଼ିଆକୁ ସଳଖି ଠିଆ
କରାଇବାର
ଅଦମ୍ୟ ଚେଷ୍ଟା ପରି
ପୁନରାବୃତ୍ତି ନକରିବାର
ଦେବ ଶପଥ ବି
ଲୁଡୁ ଗୋଟିର ସାପ ଗିଳି ପରି
ଗୋଦରା କୋଡେ ଯେତେ ମାଡେ
ସେତେ ନ୍ୟାୟରେ
ସେଇଠି ପହଞ୍ଚିବା ସାର ।

ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ:୯୯୩୮୭୩୩୦୭୫





କବିତା
ତୁମ ପାଇଁ



## ସରଗ ହୋଇବ ଧରା

### ପ୍ରଶାନ୍ତ କୁମାର ଦାଶ

ଗୁଆ ପୋତା ଅମଳରେ
ଲଗାଇ ମୋ ହାତଟି
ସଂସାରକୁ ଦାନକରେ
ପେଟପୂରା ଭାତଟି ।

ଚାଷୀଘର ପୁଅ ମୁଁଯେ
ଦୁଃଖ ନାହିଁ ମନରେ
ଲୋଭରଖି ସଞ୍ଚେ ନାହିଁ
ବିରି ମୁଗ ଧାନରେ ।

ମାଟିଚାଳ ଘର ମୋର
ଅସଜଡା ରହଇ
ଦୁନିଆର ହିତ ପାଇଁ
ଝଡ ଝଞ୍ଜା ସହଇ ।

ଦିନ ରାତି କରେ କାମ
ନାହିଁ ଦେହେ ଅଳସ
ଦୁନିଆକୁ ଦେଇଥାଏ
ଶସ୍ୟଭରା କଳସ ।

ମାଟିକୁ କରଇ ସୁନା
ଏଇ ହାତ ବଳରେ
ହସି ଉଠେ ଟିକିଗଛ
ଧରି ଫୁଲ ଫଳରେ ।

ସରଗ ହୋଇବ ଧରା
ଦେଖେ ନିତି ସପନ
ଉଇଁଯିବ ଆକାଶରେ
ସୁଖ ଆଣି ତପନ ।

+କୁଞ୍ଜର, ସଙ୍ଗଲାଇ
ପିପିଲି, ପୁରୀ
ମୋ: ୯୭୬୮୮୨୨୧୯୦

# ଅଜାଘର ଛାତ

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ଓଡିଶା ବାହାରେ ରହୁଥିବା ରିନା ଓ ମୁନାଙ୍କର ଅଜା ଆଇ ରହନ୍ତି ଭୁବନେଶ୍ୱରରେ । ଅଜା ପେସାରେ ଡାକ୍ତର । ତା' ସହିତ ଗଛ ବୃକ୍ଷକୁ ନେଇ ତାଙ୍କର ବଡ ସଉକ । ସେଥିପାଇଁ ଘର ଚାରିକଡ଼େ ଲଗାଇ ଥାଆନ୍ତି ଆମ୍ବ, ପଣସ, ପିଜୁଳି, କଦଳୀ, ସଜନା ଆଦି ଗଛ । ଛାତ ଉପରେ ଧାଡ଼ି ଧାଡ଼ି ହୋଇ ରଖାଯାଇଥାଏ ଫୁଲ କୁଣ୍ଡ । ସେଥିରେ ଲଗାଯାଇଥାଏ କେତେ ରଙ୍ଗ, କେତେ ଜାତିର ଗୋଲାପ । କିଏ ଦେଖିବାକୁ ସୁନ୍ଦର ତ କାହାର ବାସନା ସୁମଧୁର । ତା'ବ୍ୟତୀତ ଫୁଲ କୁଣ୍ଡରେ ନିତି ନିତି ଫୁଟୁଥିବା ଟଗର, ମନ୍ଦାର, ରଜନୀଗନ୍ଧା ଠାକୁରଙ୍କ ପୂଜା ପାଇଁ ତୋଳା ଯାଉଥାଏ । ଅବସର ଗ୍ରହଣ କରିବା ପରେ ସେସବୁ ଗଛ ଗୁଡିକର ଯତ୍ନ ନେଉଥାଆନ୍ତି ନିଜେ ଅଜା ।

ସବୁ ବର୍ଷ ଖରାଦିନ ଛୁଟିରେ ରିନା ମୁନା ମା' ବାପାଙ୍କ ସହ ବୁଲିବାକୁ ଆସନ୍ତି ଅଜାଘର । ନାତି ନାତୁଣୀଙ୍କୁ ଦେଖି ଅଜା ଆଇଙ୍କ ଖୁସି କହିଲେ ନସରେ । କେତେ ଖେଳ କୁଦ, ଖିଆପିଆ, ହସ ଖୁସିରେ ବିତିଯାଏ ସମୟ । ପିଲାମାନେ ଦିନସାରା ଅଜାଙ୍କ ପାଖରେ ନସର ପସର ହେଉ ଥାଆନ୍ତି । ତାଙ୍କ କୋଳରେ କାଖରେ ଚଢି ବସନ୍ତି । ତାଙ୍କ ହାତ ଧରି ବଜାର ଯାଆନ୍ତି । ଚକୋଲେଟ୍ , ଆଇସ୍ କ୍ରିମ ସାଥିରେ ନେଇ ଫେରନ୍ତି ।

ସକାଳୁ ନିତ୍ୟକର୍ମ ସାରି ପିଲାମାନେ ଜଳଖିଆ ଖାଇ ଅଜାଙ୍କ ସହ ବାଡ଼ି ବଗିଚାରେ ବୁଲନ୍ତି । ଖରାଦିନ, ଗଛରେ ପାଚିଲା ଆମ୍ବ ଝୁଲୁ ଥାଏ । ସେଥିରୁ ଦୁଇ ଚାରିଟା ଛିଣ୍ଡାଇ ଅଜା ପିଲାଙ୍କ ହାତରେ ଦିଅନ୍ତି । ପିଜୁଳି ଗଛ ପାଖକୁ ଯାଇ ପାଚିଲା ପିଜୁଳି ତୋଳି ଦିଅନ୍ତି । ଗଛ ପାଚିଲା ତାଜା ଫଳ ସ୍ୱାଦିଷ୍ଟ ହୋଇ ଥିବାରୁ ପିଲାମାନେ ଆନନ୍ଦରେ ଖାଇ ନିଅନ୍ତି । ପନିପରିବା ପାଇଁ ଅଜା ପାଚେରି ଉପରେ ଚଢି ସଜନା ଶାଗ, ସଜନା ଛୁଇଁ ବିଛାନ୍ତି । ତଳେ ଠିଆ ହୋଇ ରିନା, ମୁନା ଛୁଇଁ ଗୋଟାଇ ନେଇ ଯାଆନ୍ତି ଆଇଙ୍କ ପାଖକୁ, ରୋଷେଇ ଘରକୁ । ପାକଳ ହୋଇ ଯାଇଥିଲେ କେବେ କେବେ ଅଜା କଦଳୀ କାନ୍ଧି କାଟି ଘରକୁ ଆଣନ୍ତି । ତା' ପରେ କଦଳୀ ଗଛକୁ କାଟି ସେଥିରୁ ମଞ୍ଜା ବାହାର କରନ୍ତି । ସବୁଜ ଗଛ ଭିତରୁ ଧଳା ରଙ୍ଗର ମଞ୍ଜା ବାହାରିବା ଦେଖି ପିଲାମାନେ ଆଚମ୍ବିତ ହୋଇ ଯାଆନ୍ତି । ଅଜା ବୁଝାଇ କହି ଦିଅନ୍ତି କଦଳୀ ଗଛଟି କେଡ଼େ ଉପକାରୀ । ତାର ଗଛ, ପତ୍ର , ଫଳ, ଫୁଲ, ସବୁ ଦରକାରୀ ।

ଖରା ବେଳେ ଖାଇଦେଇ ଅଜାଙ୍କ ପାଖରେ ଶୋଇ ପଡ଼ନ୍ତି ରିନା , ମୁନା । ସନ୍ଧ୍ୟା ହେବା ଆଗରୁ ଉଠିପଡି ଅଜାଙ୍କ ସହ ଚାଲନ୍ତି ଛାତ ଉପରକୁ । ଛାତ ଉପର ଯାଏ ଲମ୍ବି ଆସିଥିବା ନଡ଼ିଆ ଗଛ ଉହାଡରୁ ସୁଲୁସୁଲିଆ ପବନ ବହେ । ନଡ଼ିଆ ଗଛରେ ବସା ବାନ୍ଧି ଥାଏ କାଉଟିଏ । ସେ ଆଡକୁ ଗଲେ କା କା କରି ଡରାଇ ଦେଉଥାଏ । ଅଜା କହନ୍ତି, 'ଖୁମ୍ପି ଦେବ ପଳାଇ ଆସ ।' ଅଜା ବାଲଟି ମଗ ଧରି ଗଛରେ ପାଣି ଦିଅନ୍ତି । ତାଙ୍କ ଦେଖା ଦେଖି ରିନା ମୁନା ଭାଇ ଭଉଣୀ ଛୋଟ ଛୋଟ ଗ୍ଲାସ ତାଟିଆ ଧରି ଫୁଲ ଗଛରେ ପାଣି ଦେବାରେ ଲାଗି ପଡ଼ନ୍ତି । କୁଣ୍ଡରେ ଫୁଟିଥିବା ଫୁଲ ଗୁଡ଼ିକ ଦେଖି ଖୁସି ହୁଅନ୍ତି । ଖତ ପଡ଼ି କେତେ ଗୁଡ଼ିଏ କୁଣ୍ଡରେ ଶାଗ ଗଛ ବି ଉଠିଥାଏ । ଅଜା ସେଥିରୁ ଶାଗ ତୋଳି ପିଲାଙ୍କୁ ଦିଅନ୍ତି ଆଇ ପାଖକୁ ନେଇ ଯିବାକୁ । ଅଜାଙ୍କ ଠାରୁ ପିଲାମାନେ ଶିଖି ଥାଆନ୍ତି ଫୁଲ ଗଛର ଯତ୍ନ ନେବା । ଫୁଲ ଫଳ ଦେଖି ଖୁସି ହେବା ।

ଅଜାଙ୍କ ଘର ଛାତ ଉପରେ ଜହ୍ନ ରାତିରେ ଖୁବ୍ ଖେଳନ୍ତି ରିନା ମୁନା । ତାଙ୍କ ସହ ମିଶି ଯାଆନ୍ତି ମାମୁ ଓ ମାଉସୀ ମାନେ । ଦେଖୁ ଦେଖୁ ଖରା ଛୁଟି ସରି ଯାଏ । ତା' ସହ ଶେଷ ହୋଇଯାଏ ଅଜାଘର ମଉଜ ମସ୍ତି । ଫେରିବାକୁ ପଡୁଥାଏ ସେମାନେ ରହୁଥିବା ସହରକୁ । ସ୍କୁଲ ଖୋଲିବା ସମୟ ହୋଇ ଯାଇଥାଏ । ତଥାପି ଅଜାଘର ଛାତକୁ ଭୁଲି ପାରୁନଥାନ୍ତି ପିଲାମାନେ ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

କବିତା
ତୁମ ପାଇଁ

## ସିଏ ମୋର ବିଦ୍ୟାଳୟରେ

### ସୁବ୍ରତ ମଲିକ

ପାଠ ପଢିବାକୁ ଯେଉଁଠିକୁ ଯାଏ
ନିଇତି ସାଙ୍ଗଙ୍କ ମେଳରେ,
ସବୁଠୁ ସୁନ୍ଦର ଶିକ୍ଷାର ମନ୍ଦିର
ସିଏ ମୋର ବିଦ୍ୟାଳୟରେ ।

ବିଦ୍ୟାଳୟ ପଛେ ଅଛି ପଡ଼ିଆଟେ
ଆଗରେ ଅଛି ଯେ ବଗିଚା ,
ଫୁଟିଅଛି ସେଠି ଜାତି ଜାତି ଫୁଲ
ପଡ଼ିଅଛି ଘାସ ଗାଲିଚା ।

ଭଲ ମଣିଷଟେ ହେବା ପାଇଁ ତହିଁ
ଗୁରୁଜୀ ଗୁରୁମା କୁହନ୍ତି,
ବାପା ମାଆଙ୍କର ନାଆଁ ରଖିବାକୁ
କେତେ ଉପଦେଶ ଦିଅନ୍ତି ।

ଦେଶ ଜାତି ପାଇଁ ଦେହ ତ୍ୟାଗି ଥିବା
ବୀରମାନଙ୍କର ପାଇଁଟି,
କେତେ ଯେ ଦିବସ ହୁଅଇ ପାଳନ
ବହୁ କଥା ଶିକ୍ଷା ମିଳେଟି ।

ପଢା ବେଳେ ପଢୁ ଖେଳ ବେଳେ ଖେଳୁ
ସମୟଟା ଯାଏ ସରିରେ
ହେଲେ ଛୁଟି ବେଳ ଘରକୁ ଲେଉଟୁ
ନୂଆ ପାଠ କିଛି ଶିଖିରେ ।

କୋରୁଆ , ଅସୁରାଳି , ଭଦ୍ରକ
ମୋ:୭୦୦୮୩୧୫୯୧୬

## ଶୀତ ଆଉ ମୁନା

### ଜୟକୃଷ୍ଣ ସାହୁ

ଶୀତ କହୁଛି ମୁଁ ଆସିଗଲି ମୁନା
ତୋ ସଙ୍ଗେ ଖେଳିବା ପାଇଁ
ତୁଉ ଲୁଚୁଥିବୁ ମୁଉଁ ଖୋଜୁଥିବି
ଗାଧୋଇବା ପାଇଁ ତୁହି
ଖେଳିବାରେ ଲୁଚକାଳି,
ନିତି ନ ଗାଧୋଇ ମୋତେ ତୁ ଡରିଲେ
ଦେହେ ଜମିଯିବ ମଳି ।

ସୁଟ ସ୍ୱେଟର ମୋଜା ମଫଲର
ତୋ ପାଇଁ ଆଣିଛି କେତେ
ଜାତି ଜାତି ଫୁଲ ବାଡ଼ିରେ ଫୁଟାଇ
ଉପହାର ଦେବି ତୋତେ
ବଣଭୋଜି କରି ଯିବା,
କୋବି ମୂଳା, ବିନ ଟମାଟୋ ଧନିଆ
ବାଡ଼ିରୁ ତୋଳିକି ନେବା ।

ସକାଳୁ ସକାଳୁ କଅଁଳିଆ ଖରା
ତୋ ପାଇଁ ପରଷି ଦେବି
ସବୁଜ ଘାସରେ ମୁକୁତା ସଜାଇ
ଚିକ୍ ମିକ୍ କରୁଥିବ
ଦେଖି ଖୁସି ହେବୁ ତୁଉ,
ତୋର ଖୁସି ଦେଖି ସତରେ ମୁନାରେ
ଖୁସି ହେଉଥିବି ମୁଉଁ ।



ମୁଉଁ ଆସିଗଲେ ଧଡ଼ିଆ ଛାଣିବ
ପିଆଜି ପକୁଡ଼ି ବରା
ଜେଜେ ତୋର ଆସି ସକାଳୁ ସକାଳୁ
ଚା' ପିଉଥିବେ ପରା
ତୁମ ଗାଆଁ ଚାଷୀ ଭାଇ,
କ୍ଷେତରୁ ପାଚିଲା ଧାନକୁ ସାଉଁଟି
ଆଣୁଥିବେ ଖୁସି ହୋଇ ।

+କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭



# ବର୍ଷାମୁଖର ରାତି ଓ ଜେଜେମା

### ଡକ୍ଟର ଲକ୍ଷ୍ମଣ ସାହୁ



ଗତକାଲି ଘଟିଥିବା ଏହି ବିନାଶକାରୀ ବାତ୍ୟା ସମସ୍ତଙ୍କୁ ଚକିତ କରି ଦେଇଛି । ମଧ୍ୟରାତ୍ରିରେ ପ୍ରକୃତି ସୃଷ୍ଟି କରିଥିବା ଅତର୍କିତ ଝଡ଼କୁ କେହି କଳ୍ପନା କରି ନଥିଲେ । ସମସ୍ତ ନ୍ୟୁଜ୍ ଚ୍ୟାନେଲଗୁଡିକ ସମାନ ଖବରକୁ ବାରମ୍ବାର ଦୋହରାଉଥିଲେ । ପାହାଡ଼ ସେପାଖରେ ଆଚ୍ଛାଦିତ ବାଦଲ ଘେରା ଏକ ମେଘ ଫାଟି ଯାଇ ସେହି ପର୍ବତର ଚାରିପାଖ ଅଞ୍ଚଳରେ ବହୁଳ କ୍ଷୟ କ୍ଷତି ଘଟାଇଲା । ସେହି ଅପାର ଜଳ କୌଣସି ଶିଶୁ, ମା, ବାପା କିମ୍ବା ବୃଦ୍ଧଙ୍କର ଯତ୍ନ ନେଉ ନଥିଲା । ସେ ଘର ଓ ସମ୍ପତ୍ତି ସାଙ୍ଗରେ ନେଇଗଲେ । ଲୋକମାନେ ମଧ୍ୟରାତ୍ରିରେ ସବୁଦିନ ପାଇଁ ଶୋଇ ରହିଲେ । ଏପରିକି ଥରେ ଚିତ୍କାର କରିବାର ମଧ୍ୟ ସମୟ ନଥିଲା । କେହି କହିପାରିବେ ନାହିଁ ଯେ ଏଠାରେ ଏକଦା ହସୁଥିବା ଗାଁ ଥିଲା । ଆଉ କିଛି ବାକି ନାହିଁ ।

ଏହା କେବଳ ଗୋଟିଏ ଅଞ୍ଚଳର ନୁହେଁ, ପର୍ବତର ଅନେକ ଅଞ୍ଚଳର ବିଷୟ । ଏସବୁ ଦେଖିବାକୁ ମିଳିଲା ନାହିଁ । ଶୁଣିବା ଲୋକର ଆଖି ଆପେ ଆପେ ଓଦା ହେଉଥିଲା । ଯେମିତି ଭୟର ଏକ ଅଜବ କରାଳ ଛାୟା ଫେରି ଆସୁଥିଲା । ଏହା ବର୍ତ୍ତମାନ କୋଠରୀରେ ଶ୍ୱାସରୁଦ୍ଧ ହେବାକୁ ଲାଗିଲା । ମୁଁ ବିଛଣାରୁ ଉଠି ବାରଣ୍ଡା ଭିତରକୁ ଗଲି । ଆଜି ମୁଁ ଜେଜେମାଙ୍କୁ ବହୁତ ହରାଉଥିଲି ।

ଆମେ ସେତେବେଳେ ଯୁବକ ଥିଲୁ ସେଦିନ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା । ଆମ ଘର କଞ୍ଚା ଇଟା ଦ୍ୱାରା ତିଆରି ହୋଇଥିଲା । ଶୂନ୍ୟ ଛାତଟି ଥିଲା । ଆମ ଦୁହେଁ ଭାଇ ଓ ଭଉଣୀ ଜେଜେମା ସହିତ ତଳ ଚଟାଣରେ ବିସ୍ତାରିତ ଶଯ୍ୟା ଭିତରେ ବସିଥିଲୁ । ବର୍ଷାର ଗତି ବେଳେବେଳେ ମନ୍ଥର ହେଉଥିଲା ଓ ବେଳେବେଳେ ବଢ଼ିବାରେ ଲାଗିଥିଲା ।

'ଜେଜେମା, ତୁମେ ଏତେ ଭୟଭୀତ କାହିଁକି ?' ଆମେ ଜେଜେମାଙ୍କୁ ପଚାରିଲୁ । 'ନା, ମୁଁ ଭୟ କରେ ନାହିଁ ବୋଲି' ଜେଜେମା କହିଲେ । ତା'ପରେ ଜୋରରେ ବଜ୍ରପାତ ହେଲା ଓ ବର୍ଷା ବଢିଗଲା । ସେହି ଘଡଘଡି ଶବ୍ଦ ଆମକୁ ମଧ୍ୟ ଭୟଭୀତ କଲା । କିନ୍ତୁ ତା'ପରେ କିଛି କ୍ଷଣ ପରେ ଆମେ ତିନିଜଣ ଆରାମଦାୟକ ହୋଇ ପରସ୍ପରକୁ ହସିବାକୁ ଲାଗିଲୁ । କିନ୍ତୁ ଜେଜେମା'ଙ୍କ ହସରେ ଭୟ ଏବେ ବି ଉପସ୍ଥିତ ଥିଲା ।

'ଜେଜେମା, ତୁମେ ବହୁତ ଭୟଭୀତ' ମୁଁ କହିଲି । ଜେଜେମା ଗମ୍ଭୀର ଭାବରେ କହିଥିଲେ, 'ପିଲାମାନେ, ମୁଁ ଭୟଭୀତ ନୁହେଁ । କିନ୍ତୁ ହଁ, ବର୍ଷା ମୋତେ ବହୁତ ଭୟଭୀତ କରେ ।

'ଜେଜେମା କାହିଁକି ?' ମୁଁ ପଚାରିଲି

'କାରଣ ମୁଁ ବର୍ଷାର ତାଣ୍ଡବ ଦେଖିଛି । ତାପରେ, ଯେତେବେଳେ ମୁଁ ତୁମ ପରି ଛୋଟ ଥିଲି । ବୋଧହୁଏ ସେତେବେଳେ ମୋତେ ସାତ-ଆଠ ବର୍ଷ ହୋଇଥିଲା । ମୁଁ ସେହି ଘଟଣାକୁ କେବେବି ଭୁଲି ପାରିବି ନାହିଁ । ଗତ ପାଞ୍ଚ ଦିନ ଧରି ପ୍ରବଳ ବର୍ଷା ହୋଇଥିଲା । ଗତ କିଛି ଦଶନ୍ଧିର ବର୍ଷା ଠାରୁ ଏହି ବର୍ଷା ସମ୍ପୂର୍ଣ୍ଣ ଭିନ୍ନ ଥିଲା । ମୋର ଜେଜେବାପା କହୁଥିଲେ ଯେ ସେମାନେ ଏପରି ବର୍ଷା କେବେ ଦେଖି ନଥିଲେ । ଦେଖନ୍ତୁ, କିଛି କ୍ଷତି କରିବା ପରେ ସେ ନିଶ୍ଚିତ ଭାବରେ ରାଜି ହେବେ । ଏବଂ ତା'ପରେ ସମାନ ଘଟଣା ଘଟିଗଲା ।

'ଜେଜେମା କ'ଣ ହେଲା ?' ମୁଁ ଉତ୍କଣ୍ଠାର ସହିତ ପଚାରିଲି ।

'ଯେତେବେଳେ ଆମେ ସକାଳେ ଉଠିଲୁ, ହଠାତ୍ ଗାଁରେ ବହୁତ ପାଣି ପ୍ରବେଶ କଲା । ପୂର୍ବରୁ ଏପରି ଦୃଶ୍ୟ କେହି ଦେଖି ନ ଥିଲେ । ପୁନରୁଦ୍ଧାର ପାଇଁ କେହି ସୁଯୋଗ ପାଇଲେ ନାହିଁ । ଯେ ଯେଉଁଠାରେ ଥିଲେ, ସେ ସେଠାରେ ରହିଗଲେ । ଯେଉଁମାନେ ଘରେ ଥିଲେ ସେମାନେ ଅଟକି ଗଲେ, ଯେଉଁମାନେ ବଡ଼ ରିସ୍କରେ ଥିଲେ ସେମାନେ ସେଠାରେ ରହିଲେ । ଯେଉଁମାନେ ସେମାନଙ୍କର ଦୈନନ୍ଦିନ କାମ ପାଇଁ ବାହାରକୁ ଯାଇଥିଲେ, ପାଣି ସେମାନଙ୍କୁ ସାଙ୍ଗରେ ଠେଲି ଦେଇ ଚାଲିଥିଲା । କେହି ଜଣେ ଗଛ ଉପରକୁ ଚଢିଗଲେ ଆଉ କେହି ଟିକିଏ ଉଚ୍ଚ ଭୂମି ଉପରକୁ ଚଢିଗଲେ । କାଲୁ ଟାଉ କୌଣସି ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିଲା ନାହିଁ । କେତେକ ସେମାନଙ୍କ କାଦୁଅ ଘର ଭିତରେ ଫସି ରହିଥିଲେ । ଚାରିଆଡେ ବିଶୃଙ୍ଖଳା ଜନିତ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲା ..!'

ବର୍ତ୍ତମାନ ମୁଁ ମଧ୍ୟ ଜେଜେମା'ଙ୍କ ଭୟର କାରଣ ଅନୁଭବ କରିବା ଆରମ୍ଭ କରିଛି । ଆଜିକାଲି ପ୍ରତ୍ୟେକ ମିଡିଆ ପ୍ଲାଟଫର୍ମ କେବଳ ସମାନ କଥାକୁ ବାରମ୍ବାର ଦୋହରାଉଛି । ଏହି ଅବିସ୍ମରଣୀୟ ଅଘଟଣ ଏବଂ ନିଜ ଉପଭୋଗ ପାଇଁ ପାହାଡର ଶିଖରକୁ ଯାତ୍ରା ସବୁ ସୀମା ଅତିକ୍ରମ କରୁଛି । ଧାର୍ମିକ ତୀର୍ଥଯାତ୍ରାରେ, ଅନେକ ଆଧ୍ୟାତ୍ମିକ ସାଧୁ ସନ୍ଥମାନେ ପାଖ ପର୍ବତରେ ବ୍ୟାପିବାରେ ଲାଗିଛି ଯାହାକି ଆଧ୍ୟାତ୍ମିକ ଶାନ୍ତିର ପ୍ରତୀକ । ପ୍ରକୃତି ଏବଂ ସେହି ଅଦୃଶ୍ୟ ଶକ୍ତି ଉପରେ ଏହା ଏକ ଗଭୀର ଆକ୍ରମଣ ଯେମିତି ।

ବାରଣ୍ଡାର ଗୋଟିଏ କୋଣରେ ଠିଆ ହୋଇ ମୋ ମନରେ ଏହି ସବୁ କଥା ଭାବି ମୁଁ ପୁଣି ଜେଜେମାଙ୍କ ନିକଟକୁ ଫେରି ଆସେ । ଥଣ୍ଡା ନିଶ୍ୱାସ ନେବା ପରେ ଜେଜେମା ଜାରି ରଖିଥିଲେ, 'ସେଦିନ ଆମେ ସମସ୍ତେ ଅସହାୟ ଭାବରେ ସେହି ଦେଖୁଥିଲୁ । ଟାୟା ଏବଂ ଆମ ପରିବାର କେବଳ ଏକ ସୁଯୋଗକୁ ଅପେକ୍ଷା କରିଥିଲେ । ସେ ପୂର୍ବରୁ ସମସ୍ତ ଉଦ୍ଧାର ଉପକରଣକୁ ବାହାରେ ରଖିଥିଲେ । କିନ୍ତୁ ଅନ୍ୟପକ୍ଷରେ ଜେଜେବାପା ରାଗି ଯାଇଥିଲେ ।

'କାହିଁକି ?' ଆମେ ଦୁହେଁ ପଚାରିଲୁ ।

'ସେ ସମାନ କଥାକୁ ବାରମ୍ବାର ପୁନରାବୃତ୍ତି କରୁଥିଲେ -' ମୋ ବାପା ମୋତେ ଏତେ ବାଧା ଦେଉଥିଲେ । କିନ୍ତୁ କିଏ ବିଶ୍ୱାସ କଲା ? ସେ ଯେଉଁଠାରେ ଚାହିଁଲେ ତାଙ୍କ ଘର ତିଆରି କରିଥିଲେ । ମୁଁ ସମସ୍ତଙ୍କୁ କେତେ ବୁଝାଇଥିଲି ଯେ ଘରଟି ପାହାଡ଼ ଉପତ୍ୟକା ଠାରୁ ଟିକିଏ ଦୂରରେ ନିର୍ମାଣ ହେବା ଉଚିତ୍ । ତା'ପରେ କେହି କେହି ପୋଡ଼ ଜମି ଉପରେ ମୂଳଦୂଆ ପକାଇଲେ । ସେମାନେ ବାବାଙ୍କ ସହ ଯୁକ୍ତିତର୍କ କରିଥିଲେ । କିନ୍ତୁ ଏବେ ଦେଖ, ପୋଡ଼ ତାଙ୍କ ଜମି ଫେରାଇ ନେଇଛନ୍ତି । କିନ୍ତୁ ଦୁଃଖର ବିଷୟ ହେଉଛି ସେମାନଙ୍କ ସହିତ ଅନ୍ୟ ଘର ମଧ୍ୟ ନଷ୍ଟ ହୋଇଯାଇଛି । ମଧୁର କିଛି ବାକି ନାହିଁ । ଗରିବ ନିର୍ମଳା ଅପା ସବୁ ପଇସା ଏକାଠି କରି ତାଙ୍କ ଘର ନିର୍ମାଣ କରିଥିଲେ । ଏପରିକି ତାଙ୍କର ଦାୟିତ୍ୱ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ସେ କ'ଣ ପାଇଲେ ? ଘର ସହିତ ସବୁ ଧୋଇ ହୋଇଗଲା ।

ସେହି ରାତିରେ ଆମେ ଦୁହେଁ କୌତୁହଳ, ଭୟ , ଆଶଙ୍କା ରହସ୍ୟକୁ ଆଗ୍ରହ ସହିତ ଜେଜେମା'ଙ୍କ କଥା ଶୁଣିଲୁ । ଆଜିର ଏହି ଜିନିଷଗୁଡ଼ିକ ପୂର୍ବର ଅନେକ ଜିନିଷ, କାହାଣୀ ଏବଂ ମତ ଘଟଣାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଏହି ପୁରା ଘଟଣା ଆମ ଭିତରେ ଏକ ଭିନ୍ନ ଅନୁଭବ ଜାଗ୍ରତ କରୁଥିଲା ।

ଗୋଟିଏ ଦୀର୍ଘ ନିଶ୍ୱାସ ଛାଡି ଜେଜେମା ପୁଣି କହିଲେ, 'ପିଲାମାନେ, ମୁଁ କୌଣସି ଜିନିଷକୁ ଭୟ କରେ ନାହିଁ । ମୁଁ ସାହସର ସହିତ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛି । କିନ୍ତୁ ମୁଁ ଜାଣେ ନାହିଁ କାହିଁକି, ଟିକିଏ ହେଉ କି ବର୍ଷା ହେଉ, ଏହା ମୋତେ ଏକ ପରିଚିତ ଭୟରେ ଭରିଦିଏ । ମୁଁ ଏଥିରୁ ବାହାରିବା ପାଇଁ ବହୁତ ଚେଷ୍ଟା କରେ, କିନ୍ତୁ ପ୍ରତ୍ୟେକ ଥର ବିଫଳ ହୁଏ । ଏହି ଅତୀତ ମୋତେ କେବେ ବି ଛାଡେ ନାହିଁ । ମୁଁ କ'ଣ କରିବି, ଅନେକ ଥର ଅନେକ ଜିନିଷ ମୋ ନିୟନ୍ତ୍ରଣରେ ନାହିଁ ।

ଏହା ଶୁଣିବା ମାତ୍ରେ ଆମେ ଦୁହେଁ ଜେଜେମାଙ୍କୁ ଆଲିଙ୍ଗନ କଲୁ । ବର୍ତ୍ତମାନ ବଜ୍ରପାତ ବାତ୍ୟା ଘଡଘଡି କମିଯାଇ ବର୍ଷା ଧିରେ ଧିରେ ଆରମ୍ଭ ହୋଇଯାଇଥିଲା....!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ -୪
ସଂପର୍କ: ୯୦୪୦ ୧୫୧୪୭୫

## ବେଳ ଥାଉ ଥାଉ ହେବା ସାବଧାନ

### ଶରତ କୁମାର ଦାସ

ଆଜିର ଅନ୍ଧାର କାଲିକି ନଥିବ
ଯିବ ତା ବାଟରେ ଚାଲି,
ରାତି ପାହିଗଲେ ସୂରୁଯ ଉଇଁବେ
ଆଲୁଅ ଥିବଟି ଖାଲି ।

କିଛି ରହିନାହିଁ ରହିବ ନାହିଁଟି
ଏ ଧରା ବୁକୁରେ ଜାଣ,
ଯେତେ ବଳବାନ ହେଉ ପଛେ ଯିଏ
ରହିବନି କାହା ଟାଣ ।

ଦୁଃଖସୁଖ ପରା ଦୁଇଗୋଟି ଭାଇ
ସଭିଏ ଜାଣନ୍ତି ପରା,
ଦୁଃଖ ପରେ ସୁଖ ଆସିବ ଓହ୍ଲାଇ
ମନ ହେବ ସୁନାଝରା ।

ସକାଳର ଫୁଲ ସଂଜରେ ମଉଳେ
ଅବେଳରେ ପଡେ ଝଡି ,
ପୁଣି ଗଛ ଡାଳେ ଶୋଭା ପାଉଥାଏ
ନୂଆ ହୋଇ ଫୁଲ କଢି ।

ପୁନେଇଁର ତୋଫା ଜହ୍ନ ହସୁଥାଏ
ସରଗ ରାଇଜେ ରହି,
ଅମା ରାତି ଯେବେ ଢାଙ୍କିଦିଏ ତାକୁ
ଅନ୍ଧାରୁଆ ଦିଶେ ମହୀ ।

ଦିନ ପରେ ରାତି ଆସେ ତ ମରତେ
ରାତି ପରେ ପୁଣି ଦିନ,
କାଳ ବଳେ ସବୁ ଯାଆନ୍ତି ଧରାରୁ
ରହିଥାଏ ଯାହା ଚିହ୍ନ ।

ସମ୍ପଦ-ବିପଦ, ଆଲୁଅ-ଅନ୍ଧାର
ଏ ସବୁ ଦଇବ ଖେଳ,
ବୁଝି ବିଚାରିକି ଗୋଡ ବଢାଇଲେ
ସୁଖେ କଟିଯିବ ବେଳ ।

ପଦୁଅଁ ଫୁଟିବ ଚଲାବାଟେ ଆମ
ଜଗିରଖି କାମ କଲେ,
ବେଳ ଥାଉ ଥାଉ ହେଲେ ସାବଧାନ
ବିପଦ ହଟିବ ଭଲେ ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ଦ୍ୱାରା ବରିଷ୍ଠ ଅଧିକାରୀଙ୍କୁ 'ସେଲ ସାବାସ' ପୁରସ୍କାର ପ୍ରଦାନ



ରାଉରକେଲା, ୦୬/୧୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ବିଭିନ୍ନ ବିଭାଗରେ ପ୍ରଶଂସନୀୟ କାର୍ଯ୍ୟପାଇଁ କାରଖାନାର ପାଞ୍ଚଜଣ ବରିଷ୍ଠ ଅଧିକାରୀଙ୍କୁ 'ସେଲ୍ ସାବାଶ୍ ଯୋଜନା' ଅଧୀନରେ ପୁରସ୍କାର ପ୍ରଦାନ କରିଛନ୍ତି।

ଆରଏସପିର 'ମନ୍ଥନ' ସମ୍ମିଳନୀ କକ୍ଷରେ ଡିସେମ୍ବର ୪ ତାରିଖ ଦିନ ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର ପୁରସ୍କାର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ଇସ୍ପାତ କାରଖାନାରେ ପ୍ରଥମ ଥର ପାଇଁ ଡି ଆଇ ସି ସ୍ତରୀୟ ସାବାସ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାରରେ ୧୦ ହଜାର ଟଙ୍କା ଉପହାର ଭାଉଚର ସହିତ ଏକ ସାର୍ଟିଫିକେଟ୍ ରହିଥିଲା। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ଅପରେସନ୍ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱ ରଂଜନ ପଲାଇ, ସାମଗ୍ରୀ ପ୍ରବନ୍ଧନ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଖଣି ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ ପି ସିଂ ଏବଂ ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ପୁରସ୍କାର ବିଜେତା ଅଧିକାରୀ ମାନେ ହେଲେ ଏସ ଏମ ଏସ ୨ ମେକାନିକାଲ ବିଭାଗର ଜିଏମ ଶ୍ରୀ ଏମ ଜି ଶ୍ରୀକାନ୍ତ, ଏଚଏସଏମ - ୨ ମେକାନିକାଲ ବିଭାଗର ଜିଏମ, ଶ୍ରୀ ସୁବ୍ରତ କାନୁନଗୋ, ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଂଚାର ମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥି, ଉଦ୍ୟାନ କୃଷି ବିଭାଗର ଡ଼ିଜିଏମ ତଥା କ୍ରେଡ୍ ଡି ପି ବିଭାଗର ଡିଜିଏମ ଇନ ଚାର୍ଜ ଡକ୍ଟର ଅଭିଜିତ ବିଶ୍ୱାସ।

ଏହାପୂର୍ବରୁ ନଭେମ୍ବର ୩୦ ତାରିଖ ଦିନ ଡିଆଇସିଙ୍କ କାର୍ଯ୍ୟାଳୟରେ ମଧ୍ୟ ଏକ ପୃଥକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଡିଆଇସି ଶ୍ରୀ ଅତନୁ ଭୌମିକ ଡିଆଇସି ସଚିବାଳୟର ତତ୍କାଳୀନ ଡିଜିଏମ୍ ଶ୍ରୀ ଗୌରବ ଆରୋରାଙ୍କୁ ସେଲ ସାବାସ ପୁରସ୍କାର ପ୍ରଦାନ କରିଥିଲେ ।

ଶ୍ରୀ ଭୌମିକ ନିଜର ଅଭିଭାଷଣରେ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ପ୍ରଶଂସା ଓ ଉତ୍ସାହିତ କରିବା ସହିତ ଏହି ଭଳି ଉତ୍ତମ କାର୍ଯ୍ୟ ଜାରି ରଖିବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ସେ ପାରଦର୍ଶିତା, ଦଳଗତ କାର୍ଯ୍ୟ ଏବଂ କାରଖାନାର ପରିବର୍ତ୍ତନ ଆଣିବା ଦିଗରେ ସେମାନଙ୍କ ଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯାହା ଦ୍ୱାରା ଏହି ସଂଗଠନ ଦୀର୍ଘସ୍ଥାୟୀ ହୋଇପାରିବ। ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ତରୁଣ ମିଶ୍ର, ଶ୍ରୀ ଆଲୋକ ବର୍ମା, ଶ୍ରୀ ବି ପଲାଇ, ଶ୍ରୀ ଅନୀଲ କୁମାର, ଶ୍ରୀ ଏମ ପି ସିଂ ଏବଂ ଶ୍ରୀ ସୁଦୀପ ପାଲ ଚୌଧୁରୀ ଆତ୍ମଉତ୍ସାହର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ସର୍ବଦା ସର୍ବଶ୍ରେଷ୍ଠ ଯୋଗଦାନର ମୂଳମନ୍ତ୍ର ଅଟେ।

ଏହି କାର୍ଯ୍ୟକ୍ରମକୁ ଏଚ ଆର –ଓ ଡି ବିଭାଗ ର ଜି ଏମ ଶ୍ରୀ ସୋମଜିତ୍ ବଡପଣ୍ଡା, ସଂଯୋଜନା କରିଥିଲେ ।

## ବିଭାଘରେ ଗ୍ୟାସ୍ ସିଲିଣ୍ଡର ପାଇପ ଫାଟି ୪ ଶ୍ରମିକ ଗୁରୁତର

ବଲାଙ୍ଗୀର, ୦୬/୧୨ (ନି.ପ୍ର): ଗ୍ୟାସ୍ ସିଲିଣ୍ଡର ଫାଟି ୪ ଶ୍ରମିକ ଗୁରୁତର ହୋଇଛନ୍ତି। ଟିଟିଲାଗଡ଼ ସହର ନିକଟସ୍ଥ ପିପଲ ପଦର ଠାରେ ଥିବା ଶୁଭ ମଙ୍ଗଳମ ମ୍ୟାରେଜ ପ୍ୟାଲେସ୍ ଠାରେ ଏକ ବିବାହ ଉତ୍ସବ ଚାଲିଥିବାବେଳେ ସେଠାରେ ବାହାର ରାଜ୍ୟ ମଧ୍ୟପ୍ରଦେଶ, ବିହାର, ଛତିଶଗଡ଼, ୟୁପି ଅଂଚଳର ଶ୍ରମିକମାନେ ରୋଷେଇ କରୁଥିବା ସମୟରେ ହଠାତ୍ ଗ୍ୟାସ୍ ସିଲିଣ୍ଡର ପାଇପ୍ ଫାଟି ଯାଇଥିଲା। ପାଖରେ କାମ କରୁଥିବା ୪ଜଣ ଶ୍ରମିକ ପୋଡ଼ି ହୋଇଯାଇଥିଲେ। ଗୁରୁତରମାନଙ୍କୁ ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତି କରାଯାଇ ଚିକିତ୍ସା କରାଯାଇଥିଲା।

# ପାରଦୀପ ବନ୍ଦର ପକ୍ଷରୁ ଡ. ବି.ଆର.ଆମ୍ବେଦକରଙ୍କ ୬୮ତମ ମହାପରିର୍ନିବାଣ ଦିବସ ପାଳିତ



ପାରାଦୀପ, ୬/୧୨ : ଭାରତରତ୍ନ ଡ. ବି.ଆର.ଆମ୍ବେଦକରଙ୍କ ପବିତ୍ର ୬୮ତମ ଶ୍ରାଦ୍ଧ ଦିବସ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି।ଏନେଇ ପ୍ରଥମେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ମଧୁବନସ୍ଥିତ ଆମ୍ବେଦକର ପାର୍କ ପରିସରରେ ଥିବା ବାବା ସାହେବଙ୍କ ପ୍ରତିର୍ମୂତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦେଶରେ ସମାନତା, ନ୍ୟାୟ ପ୍ରଦାନ କ୍ଷେତ୍ରରେ ବାବା ସାହେବଙ୍କ ଦୂରଦୃଷ୍ଟି, ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଥିଲେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ । ଏହି ଅବସରରେ ଆୟୋଜିତ ସମାରୋହରେ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ସିଏମଇ ସୁଶିଲ କୁମାର ନାହାକ, ନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ସେଠୀ, ଏସସି,ଏସଟି କର୍ମଚାରୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ଧୂନଚନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁଜାଲି ଆକ୍ରମଣରେ ରାଜସ୍ୱ କର୍ମଚାରୀ ଗୁରୁତର

ଖୋର୍ଦ୍ଧା, ୦୬/୧୨ (ନି.ପ୍ର): ଜମିବାଡ଼ି ନୋଟିସକୁ ନେଇ ଭୁଜାଲି ଆକ୍ରମଣରେ ଜଣେ ରାଜସ୍ୱ କର୍ମଚାରୀ ଗୁରୁତର ହୋଇଛନ୍ତି। ଗୁରୁତର କର୍ମଚାରୀ ଜଣକ ହେଲେ ମନୋଜ ହରିଚନ୍ଦନ (୪୬ ବର୍ଷ)। ଚିଲିକା ତହସିଲ କାର୍ଯାଳୟ ଅନ୍ତର୍ଗତ ସୋରଣ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ସେ କାମ କରନ୍ତି। ସୂଚନା ମୁତାବକ, ଜମି ବାଡ଼ି ମାପ ଚିହ୍ନଟକୁ ନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମନୋଜ ହରିଚନ୍ଦନ ନୋଟିସ ପ୍ରଦାନ କରିଥିଲେ। ଏହାକୁ ନେଇ ଅଭିଯୁକ୍ତ ଜଣକ ଉତ୍ତ୍ୟକ୍ତ ହୋଇପଡିଥିଲେ। ତେବେ ମନୋଜ ଅଫିସ ଗେଟ ଖୋଲୁଥିବା ବେଳେ ଟୁଟୁ ମହାରଣା ନାମକ ବ୍ୟକ୍ତି ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଭୁଜାଲି ଆକ୍ରମଣରେ ମନୋଜଙ୍କ ବେକ, ହାତ, ଛାତି, ଗୋଡ଼, ପେଟରେ ଗଭୀର କ୍ଷତ ହୋଇଛି। ଚିକତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ଜାତୀୟ ରାସାୟନିକ ବିପର୍ଯ୍ୟୟ ନିରାକରଣ ଦିବସ ପାଳନ ଅବସରରେ ମାନବ ଶୃଙ୍ଖଳ

ରାଉରକେଲା, ୦୬/୧୨ (ନି.ପ୍ର): ଜାତୀୟ ରାସାୟନିକ ବିପର୍ଯ୍ୟୟ ନିରାକରଣ ଦିବସ ପାଳନ ଅବସରରେ ଡିସେମ୍ବର ୪ ତାରିଖ ଦିନ ନିରାପତ୍ତା ବାର୍ତ୍ତାର ପ୍ରଚାର ଓ ସଚେତନତା ପ୍ରସାର ଲକ୍ଷ୍ୟରେ ସେଲ ଆର ଏସ ପି ର କୋଲ କେମିକାଲ୍ ବିଭାଗର ନିୟୋଜିତ କର୍ମଚାରୀ ଏବଂ ଠିକା ଶ୍ରମିକମାନେ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରିଥିଲେ। ଏଥିରେ କାର୍ଯ୍ୟକ୍ଷେତ୍ରରେ ରାସାୟନିକ ନିରାପତ୍ତା ଏବଂ ବିପର୍ଯ୍ୟୟ ପ୍ରସ୍ତୁତିର ମହତ୍ତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା। ଏହି ମାନବ ଶୃଙ୍ଖଳ କୋକ୍ ଓଭେନ ଛକ ଠାରୁ ସିଓ–ସିସିଡି ଗ୍ୟାସ୍ ହୋଲ୍ଡର ପର୍ଯ୍ୟନ୍ତ ବ୍ୟାପିଥିଲା। ଏଥିରେ ଅଂଶଗ୍ରହଣକାରୀମାନେ ରାସାୟନିକ ପଦାର୍ଥର ନିରାପଦ ପରିଚାଳନା, ସୁରକ୍ଷା ପ୍ରୋଟୋକଲଗୁଡିକର ଅନୁପାଳନ ଏବଂ ଜରୁରୀକାଳୀନ ପରିସ୍ଥିତିରେ ସଠିକ ସମୟରେ ଆବଶ୍ୟକ ଯନ୍ତ୍ରର ଉପଯୋଗୀତାର ଗୁରୁତ୍ୱ ବହନ କରୁଥିବା ବାର୍ତ୍ତା ସହିତ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିସିଡି ଅପରେସନ ବିଭାଗର ଏଜିଏମ ତଥା ଡିଏସଓ ଶ୍ରୀ ଏମ କେ ପାଣିଗ୍ରାହୀ ଏବଂ ସି ସି ଡି ଅପରେସନ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଆର ଏନ ପାଣିଗ୍ରାହୀ ସଂଯୋଜନା କରିଥିଲେ।

# ସିଜିମାଲି ବକ୍ସାଇଟ୍ ବ୍ଲକ୍ ଓଡିଶାରେ ସାମାଜିକ ଅର୍ଥନୈତିକ ପରିବର୍ତ୍ତନ ଆଣିବ

ଭବାନୀପାଟଣା, ୦୬/୧୨ (ନି.ପ୍ର): କଳାହାଣ୍ଡି ଏବଂ ରାୟଗଡା ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ବେଦାନ୍ତ ଆଲୁମିନିୟମ ର ମାଲିକାନା ଥିବା ସିଜିମାଲି ବକ୍ସାଇଟ୍ ବ୍ଲକ୍ ଏହି ଅଂଚଳର ସାମାଜିକ-ଅର୍ଥନତିକ ଦୃଶ୍ୟପଟ୍ଟରେ ପରିବର୍ତନ ଆଣିବା ପାଇଁ ମହତ୍ୱପୂର୍ଣ୍ଣ ସମ୍ଭାବନା ରଖିଛି । ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟକୁ ମୁଖ୍ୟ ସ୍ରୋତରେ ଏକୀକୃତ କରି ବିକାଶକୁ ତ୍ୱରାନ୍ୱିତ କରି ଏହା ବହୁ ଆଦିବାସୀଙ୍କ ବାସ କରୁଥିବା ଏହି ଅଂଚଳର ବାସିନ୍ଦାଙ୍କ ଜୀବନକୁ ଉନ୍ନତ କରିବାକୁ ପ୍ରତିଜ୍ଞା କରିଛି । ବର୍ତମାନ ଅବସ୍ଥିତ ଲାଞ୍ଜିଗଡ ପେରିଫେରାଲ ଡେଭଲପମେଂଟ ଫଣ୍ଡ ଏବଂ ପ୍ରସ୍ତାବିତ ସିଜିମାଲି ପେରିଫେରାଲ ଡେଭଲପମେଂଟ ଫଣ୍ଡ ମାଧ୍ୟମରେ ବେଦାନ୍ତ ଆସନ୍ତା ୨୫ ବର୍ଷ ମଧ୍ୟରେ ୧୨୦୦ କୋଟି ନିବେଶ କରିବାକୁ ପ୍ରତିଶ୍ରୁତି ଦେଇସାରିଛି। ଏହି ପଦକ୍ଷେପଗୁଡିକ, ଯେଉଁଥିରେ ଉଭୟ ଜିଲ୍ଲାର ଜନ ପ୍ରତିନିଧୀଙ୍କ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ (ଏସପିଭି) ରେ ସକ୍ରିୟ ଅଂଶଗ୍ରହଣ ଅନ୍ତର୍ଭୁକ୍ତ, ସମୃଦ୍ଧତା ଏବଂ ବିକାଶର ଏକ ନୂତନ ଯୁଗକୁ ଆଣିବା ପାଇଁ ପରିକଳ୍ପନା କରାଯାଇଛି । ସିଜିମାଲି ବକ୍ସାଇଟ୍ ଖଣିଗୁଡିକ ଏହାର ଆୟୁଷ ପାଇଁ ଓଡିଶା ସରକାରଙ୍କ ପାଇଁ ବାର୍ଷିକ ୨୨୦୦ କୋଟି ରାଜସ୍ୱ । ଏହି ମହତ୍ ପୂର୍ଣ୍ଣ ରାଜସ୍ୱ ପ୍ରବାହ ରାଜ୍ୟକୁ ଭିତିଭୂମି ବିକାଶ ତଥା ଏହି ଅଂଚଳ ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ସକ୍ଷମ କରିବ । ଆଗାମୀ ଦଶନ୍ଧି ଧରି ସ୍ଥାନୀୟ ଜନସାଧାରଣଙ୍କୁ ଉପକୃତ କରିବା । ସେହି ଆର୍ଥିକ ଲାଭ ସହିତ, ଏହି ପ୍ରକଳ୍ପ ୧୫୦୦ ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ପ୍ରସ୍ତୁତ ଅଛି । ଧନ୍ଦାମୂଳକ ତାଲିମ କେନ୍ଦ୍ର ଏବଂ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷତା ବୃଦ୍ଧି ଉପରେ ଏକ ଧ୍ୟାନ ସହିତ । ଏହି ପଦକ୍ଷେପଗୁଡିକ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ନୂତନ ସୁଯୋଗ ପ୍ରଦାନ କରିବ, ଏକ ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଆକାଂକ୍ଷା ପୂରଣ କରିବାରେ ସାହାଯ୍ୟ କରିବ । ଏକ ପୁରୁଣା କଥା କହୁଛି 'ଟଙ୍କା ନୂଆ ପ୍ରଭାତ ଆଣିଥାଏ' । ସିଜିମାଲି ବକ୍ସାଇଟ୍ ଖଣି କ୍ଷେତ୍ରରେ ଏହି 'ନୂତନ ପ୍ରଭାତ' ଏହି ଅଂଚଳ ପାଇଁ ଏକ ପରିବର୍ତନଶୀଳ ଇତିହାସ ସୃଷ୍ଟି କରିବାକୁ ସ୍ଥିର ହୋଇଛି। ବିକାଶ ପ୍ରକ୍ରିୟାରେ ସ୍ଥାନୀୟ ଜନଜାତିମାନଙ୍କର ସକ୍ରିୟ ଯୋଗଦାନ ଏହି ଅଂଚଳର ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ପରିବେଶ ସ୍ଥିତିକୁ ପୁନଃ ରୂପ ଦେବ। ସ୍ଥାୟୀ ଖଣି ଅଭ୍ୟାସ ପାଇଁ ବେଦାନ୍ତ ପ୍ରତିବଦ୍ଧତା ନିଶ୍ଚିତ କରେ ଯେ ଏହି ଅଂଚଳରେ ଧନୀ ସବୁଜ ଏକ ବାୟୋଫିଲ୍ଟର ଭାବରେ କାର୍ଯ୍ୟ କରିବ । ଏହି ଅଂଚଳର ଇକୋସିଷ୍ଟମ୍ ମୃତିକା କ୍ଷୟକୁ ସଂରକ୍ଷଣ କରିବା ଏବଂ ଉଦ୍ଭିଦ ଏବଂ ଜୀବଜନ୍ତୁକୁ ବଜାୟ ରଖିବା । ପ୍ରବନ୍ଧରେ, ସିଜିମାଲି ବକ୍ସାଇଟ୍ ଖଣି କେବଳ ଅର୍ଥନୈତିକ ଅଭିବୃଦ୍ଧି ବିଷୟରେ ନୁହେଁ, ଏହା ପରିବେଶ ତଥା ସାଂସ୍କୃତିକ ସଂରକ୍ଷଣ ସହିତ ବିକାଶକୁ ସନ୍ତୁଳିତ କରିବାର ଏକ ଦର୍ଶନର ପ୍ରତିନିଧିତ୍ୱ କରେ, ବେଦାନ୍ତର ଦୀର୍ଘମିଆଦୀ ଆଭିମୁଖ୍ୟ ଆଦିବାସୀ ସମ୍ପ୍ରଦାୟମାନଙ୍କ ପାଇଁ ଜୀବନର ଗୁଣବତା ବଢାଇବାକୁ ଚେଷ୍ଟା କରେ । ପରିଶେଷରେ, ସିଜିମାଲି ବକ୍ସାଇଟ୍ ବ୍ଲକ୍ କାଳାହାଣ୍ଡି ଏବଂ ରାୟଗଡାକୁ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିର ପ୍ରମୁଖ ଡ୍ରାଇଭର ଭାବରେ ସ୍ଥିର କରିବାକୁ ସ୍ଥିର ହୋଇଛି, ଯାହା ଏକ ମଡେଲ୍ ସହିତ ପରିବେଶ ସ୍ଥିରତା ଏବଂ ସାଂସ୍କୃତିକ ସଂରକ୍ଷଣକୁ ଗୁରୁତ୍ୱ ଦେଇଥାଏ ।

# ଗୀତା ଜୟନ୍ତୀ ପାଳନ ଉପଲକ୍ଷେ ବ୍ରାହ୍ମଣ ମହାସଭାର ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୦୬/୧୨ (ନି.ପ୍ର): ଗୀତା ଜୟନ୍ତୀ ପାଳନ କରିବା ପାଇଁ ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରି ବୈଠକ ଶ୍ରୀ ନୃସିଂହ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଅଛି । ସମ୍ପାଦକ ଆଇନଜିବି ଜୟରାମ ମିଶ୍ର ଏ ବିଷୟରେ ବିସ୍ତୃତ ଆଲୋଚନା ପ୍ରଦାନ ପରେ କୋଷାଧ୍ୟକ୍ଷ ପର୍ଶୁରାମ ନାୟକ ଆନୁସଙ୍ଗିକ ଖର୍ଚ୍ଚ ଉପରେ ଗୃହକୁ ଅବଗତ କରାଇଥିଲେ । ପୂଜନ ଓ ଯଜ୍ଞ କାର୍ଯ୍ୟ ତୁଲାଇବା ପାଇଁ ବ୍ରହ୍ମର୍ଷି ଗିରିଧାରୀ ଶତପଥୀ, ପଣ୍ଡିତ ସନ୍ତୋଷ କୁମାର ଶତପଥି ଓ ପଣ୍ଡିତ ଲକ୍ଷ୍ମୀ ପ୍ରସାଦ ଚାନ୍ଦ ଦାୟିତ୍ୱ ବହନ କରିଥିବା ବେଳେ କର୍ତା ହିସାବରେ ଧର୍ମବ୍ରତ ଆଚାର୍ଯ୍ୟ, ରଞ୍ଜନ କୁମାର ତ୍ରିପାଠି ଓ ରଂଜିତା ପାଣିଗ୍ରାହୀ ସମ୍ମତି ପ୍ରଦାନ କରିଛନ୍ତି । ଗୀତା ପଠନ ପାଇଁ ପଣ୍ଡିତ ଜୟରାମ ମିଶ୍ର ଙ୍କ ନେତୃତ୍ୱରେ ପର୍ଶୁରାମ ନାୟକ, ଶିବ ଶଙ୍କର ଖୁଆସ, ପୁରୁଷୋତମ ପଣ୍ଡା, ଦାମୋଦର ଓତା, କୃପାସିନ୍ଧୁ ମିଶ୍ର, କିଶୋର କୁମାର ମିଶ୍ର, କିଶୋର କୁମାର ପୁରୋହିତ ସମେତ ଅନ୍ୟ ବ୍ୟକ୍ତି ବିଶେଷ ମଧ୍ୟ ଗୀତା ପଠନ କରିବେ । ପ୍ରାତଃ ୮ଟା ସମୟରେ ପୂଜା କର୍ମ ଆରମ୍ଭ ହେବ ବୋଲି ସୂଚନା ପ୍ରଦାନ ସହିତ ଅନୁରୋଧ କରାଯାଇଅଛି ଯେ, ସମସ୍ତ ବ୍ରାହ୍ମଣ ସଦସ୍ୟଗଣ ବହୁ ସଂଖ୍ୟାରେ ଉପସ୍ଥିତ ରହି ଏହି ମହାନ ପର୍ବକୁ ସାଫଲ୍ୟ ମଣ୍ଡିତ କରିବେ । ଏହି ପବିତ୍ର ପୂଜାକର୍ମରେ ମାତୃଶକ୍ତି ର ସଦସ୍ୟଗଣ ତୁଳସୀ ଅର୍ପଣ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଶକ୍ତି ବାହିନୀର ମୁଖ୍ୟ କସ୍ତୁରୀ ରଥ ସମେତ ଅନେକ ମହିଳା ସଦସ୍ୟାଙ୍କୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଉପରୋକ୍ତ ବ୍ୟକ୍ତି ବିଶେଷ ସମେତ ଉପସଭାପତି ଗୋପବନ୍ଧୁ ପୁରୋହିତ, ନଗର ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ନଗର ସମ୍ପାଦକ ସଂକୀର୍ତନ ତ୍ରିପାଠି, କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମ ସୁନ୍ଦର ଦାଶ ଏବଂ ଗୋକୁଳାନନ୍ଦ ମିଶ୍ର ଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଜୟପୁର , ୦୬/୧୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର କୃଷି ବିଭାଗ ଅନୁଲୁଳୟରେ ୨୦୨୪ ଡିସେମ୍ବର ୫ ତାରିଖରେ 'ମୃତ୍ତିକାର ଯତ୍ନ: ମାପ, ତଦାରଖ, ପରିଚାଳନା' ଶୀର୍ଷକ ବିଷୟବସ୍ତୁ ସହିତ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଇ-ଲର୍ଣ୍ଣିଂ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍ ସି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବେଦ ଓ ପୁରାଣ ଭଳି ପ୍ରାଚୀନ ଭାରତୀୟ ଗ୍ରନ୍ଥରୁ ଉଦାହରଣ ନେଇ ଦୈନନ୍ଦିନ ଜୀବନରେ ମାଟିର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୃତ୍ତିକା ସଂରକ୍ଷଣକୁ ପ୍ରାଥମିକତା ଦେବା ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରଫେସର ପଣ୍ଡାଙ୍କ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । କୃଷି ବିଭାଗ ର ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂ ଉପସ୍ଥିତ ଲୋକଙ୍କୁ ସ୍ୱାଗତ କରିବା ସହ ବିଶ୍ୱ ମୃତ୍ତିକା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ବିଭାଗର ସହକାରୀ ପ୍ରଫେସର ଡ. ଅନୁପମ ଡାକୁଆ ମୃତ୍ତିକା ସଂରକ୍ଷଣ, ସ୍ଥାୟୀ ଚାଷ କୌଶଳ ଓ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଅଭିନବ ପଦ୍ଧତି ଆଦି ବିଷୟଉପରେ ଏକ ବିସ୍ତୃତ ବକ୍ତୃତା ପ୍ରଦାନ କରିଥିଲେ। ଆଲୋଚନାରେ ଅଂଶଗ୍ରହଣକାରୀ ମାନଙ୍କୁ ମୃତ୍ତିକା କ୍ଷୟ ଏବଂ ଉର୍ବରତା ହ୍ରାସ ଭଳି ସମସ୍ୟାର ସମାଧାନ ପାଇଁ ବ୍ୟବହାରିକ ରଣନୀତି ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ବାରାଣସୀର ବିଏଚୟୁର ସମ୍ପ୍ରସାରଣ ଶିକ୍ଷା ବିଭାଗମୁଖ୍ୟ ପ୍ରଫେସର କଲ୍ୟାଣ ଘଡେଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ଘଡେଇ ଭାରତୀୟ ଐତିହ୍ୟରେ ମାଟିର ସାଂସ୍କୃତିକ ଓ କୃଷିଗତ ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଦୀର୍ଘକାଳୀନ ପରିବେଶ ସନ୍ତୁଳନ ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବ୍ଲକସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ -୨୫ ପ୍ରଦର୍ଶିତ




ନୀଳଗିରି , ୦୬/୧୨ (ନି.ପ୍ର): କୋମଳମତି ଶିଶୁମାନଙ୍କ ମନ ଭିତରେ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟିକରିବା ନେଇ ନୀଳଗିରି ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ୍ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ନରଣପୁରସ୍ଥିତ ବୈଷ୍ଣବବନ୍ଧ ସରକାରୀ ଏସ ଏସ ଡି ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ (ରା) କାର୍ଯ୍ୟକ୍ରମକୁ ନୀଳଗିରି ବ୍ଲକଶିକ୍ଷାଧିକାରୀ ସ୍ନିଗ୍ଧା ପଣ୍ଡାଙ୍କ ତତ୍ୱାବଧାନରେ ଏହି ବିଜ୍ଞାନମେଳା ଓ୍ ବାଲବିକାଶ ପ୍ରଦର୍ଶନୀ ପୂର୍ବନିର୍ଦ୍ଧାରିତ ସମୟ ଅପରାହ୍ନ ୨ଘଟିକା ସମୟରେ ଆୟୋଜିତ ହେବାକୁ ଥିବାବେଳେ ଉତ୍ସବର ମୁଖ୍ୟଅତିଥି ନୀଳଗିରି ଉପଜିଲ୍ଲାପାଳ ମହୋଦୟା ଆସିବାରେ ଅହେତୁକ ବିଳମ୍ବପାଇଁ ବିଦ୍ୟାଳୟର ଛାତ୍ରୀ ଏବଂ ବିଜ୍ଞାନଭିତ୍ତିକ ପ୍ରକଳ୍ପ ନେଇ ଆସିଥିବା ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମନରେ ନୈରାଶ୍ୟ ମନୋଭାବ ଦେଖିବାକୁ ମିଳିଥିଲା ।ତତ୍ ସହିତ ପିଲାମାନେ ଏଣେତେଣେ ବୁଲୁଥିବାର ଦେଖାଯାଇଥିଲା । ପରେ ଅପରାହ୍ନ ପ୍ରାୟ ୨.୪୫ମିନିଟ ସମୟରେ ଉପଜିଲ୍ଲାପାଳ ତରବରିଆ ଭାବେପହଞ୍ଚି ହଠାତ ପିଲାମାନଙ୍କ ବିଜ୍ଞାନ ପ୍ରଦର୍ଶନୀ ଷ୍ଟଲ ନିକଟକୁ ଯାଇ ପରିଦର୍ଶନ କରୁଥିବାର ଦେଖିବାକୁ ମିଳିଥିଲା । ପରେ ପ୍ରାୟ ୩.୩୦ମିନିଟ ସମୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଗୋବପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଅଭୟ କୁମାର ଦାସ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ । ପରେ ଛାତ୍ରୀମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛପ୍ରଦାନ ପରେ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ମଞ୍ଚ ଉଦ୍ଘାଟନ କରାଯାଇଥିଲା । ପରେ ବୈଷ୍ଣବବନ୍ଧ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ସହିତ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ନୀଳଗିରି ଗୋଷ୍ଠୀ ଶିକ୍ଷାଅଧିକାରୀଣୀ ଶ୍ରୀମତୀ ସ୍ନିଗ୍ଧାରାଣୀ ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ବ୍ଲକ ବିଜ୍ଞାନସଂଯୋଜକ ଶ୍ରୀ ପ୍ରଶାନ୍ତ ବିଶ୍ୱାଳ ବିବରଣୀ ପଠନ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଧରଣୀଧର ପାତ୍ର, ସମ୍ମାନିତ ଅତିଥିଭାବରେ ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ,ବି.ଆ.ସି.ସି ଶ୍ରୀଯୁକ୍ତ ମିହିର କୁମାର ଦାସ,ନୀଳଗିରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀଣୀ ଶ୍ରୀମତୀ ଶାରିଳତା ମହାନ୍ତି, ଶ୍ରୀଯୁକ୍ତ ଲମ୍ୱୋଧର ସିଂ, ବୈଷ୍ଣବବନ୍ଧ ସରକାରୀ ଏସ ଏସ ଡି ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବ୍ରଜମୋହନ ମାଝି, ନୀଳଗିରି ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀଯୁକ୍ତ ଶୈଳେନ୍ଦ୍ର କୁମାର ଶତପଥୀ, ନରଣପୁର ପଞ୍ଚାୟତ ସରପଞ୍ଚ ଦୀପ୍ତିରାଣୀ ସିଂ, ସମିତି ସଭ୍ୟା ଶ୍ରୀମତୀ ବିଦ୍ୟୁତପ୍ରଭା ପାତ୍ର ପ୍ରମୁଖ ମଞ୍ଚାସିନ ଥାଇ ପିଲାଙ୍କ ଉଦ୍ଦେଶ୍ୟରେ ନିଜନିଜର ଅଭିଭାଷଣ ରଖିଥିଲେ । ଶେଷରେ ମୁଖ୍ୟଅତିଥି ତାଙ୍କର ବକ୍ତବ୍ୟରେ ଆଜିର ସମାଜରେ ଛାତ୍ରଛାତ୍ରୀ ମାନେ ବିଜ୍ଞାନମନସ୍କ ହୋଇ ନୂତନ ଜ୍ଞାନକୌଶଳ ଦ୍ୱାରା ନିଜର ତଥା ବିଶ୍ୱର ମଙ୍ଗଳ ନିମନ୍ତେ ନୂଆନୂଆ ଉଦ୍ଭାବନା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ ।ବ୍ଲକର ୧୫୦ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଜ୍ଞାନମେଳାରେ ଅଂଶ ଗ୍ରହଣ କରିଥିବା ବେଳେ ୧୩୦ରୁ ଉର୍ଦ୍ଧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।ଏଥିରେ କନିଷ୍ଠ, ଉପକନିଷ୍ଠ ଓ ବରିଷ୍ଠବିଭାଗରେ ସମୁଦାୟ ୧୦ଜଣ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା ।ବିଶେଷକରି ବିଜ୍ଞାନ ମେଳା ପ୍ରଦର୍ଶନୀ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା, ଆବର୍ଜନା ପରିଚାଳନା, ପରିବେଶ, ଖାଦ୍ୟ, ସ୍ୱାସ୍ଥ୍ୟ ଓ୍ ପରିମଳ, ପରିବହନ ଓ୍ ଯୋଗାଯୋଗ, ପ୍ରାକୃତିକ କୃଷି,ଗାଣିତିକ ମଡେଲ, ସମ୍ବଳ ପରିଚଳନା, ପ୍ରଦୂଷଣ ନିୟନ୍ତ୍ରଣ, ଆବର୍ଜନା ସଦୁପଯୋଗ ପ୍ରମୁଖ ବିଭିନ୍ନ ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା ।ପରେ କୃତି ବାଲ୍ ବୈଜ୍ଞାନିକ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ପରେ ବୈଷ୍ଣବବନ୍ଧ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଶ୍ରୀଯୁକ୍ତ ଜୟନ୍ତ କୁମାର ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହ ବ୍ଲକର ଅନ୍ୟବିଦ୍ୟାଳୟରୁ ଆସିଥିବା ଶିକ୍ଷକ/ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

## ମୂଳାପାଳ ସରସ୍ୱତୀ ଶିଶୁ ମନ୍ଦିରର୨୫ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍ଘାଟିତ

କୋରେଇ, ୦୬/୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ମନ୍ଦିରର ୨୫ ତମ ବାର୍ଷିକ କ୍ରିଡା ପ୍ରତିଯୋଗିତା ବୈତରଣୀ ନଦୀ କୂଳ ବାଲିମେଳା ପଡିଆ ଠାରେ ଆଜି ଉଦ୍ଘାଟିତ ହୋଇଛି । ଏହି କ୍ରିଡାକୁ ଆନୁଷ୍ଠାନିକ ଭାବେ ଜାତୀୟ ରାଜପଥ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ଯୋଗଦେଇ କ୍ରିଡା ପତାକା ଉତୋଳନ ଓ ଜ୍ୟୋତି ଗ୍ରହଣ କରି ଉଦ୍ଘାଟନ କରିଥିଲେ । ମୁଖ୍ୟ ବକ୍ତାଭାବେ ଯାଜପୁର ଜିଲ୍ଲା ସମ୍ବାଦିକ ସଂଘର ସଭାପତି ସୁବାସ ଧଳ ଯୋଗଦେଇଥିଲେ । ସମ୍ମାନୀତ ଅତିଥିଭାବେ ଶିଶୁ ମନ୍ଦିରର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବିଷ୍ଣୁ ଚରଣ ଧଳ, ସମ୍ବାଦିକ ମନୋଜ କୁମାର ସାହୁ , ମାନସ ରଂଜନ ଧଳ ପ୍ରମୁଖ ଯୋଗଦେଇଥିଲେ । ଉପସଭାପତି ଶର୍ଙ୍କଷଣ ପରିଡା, ସହ ସମ୍ପାଦକ ରାଜକିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ସାହୁ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରୀପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟା ଜ୍ୟୋର୍ତିମୟୀ ଦ୍ୱିବେଦୀ ସଭା ସଂଚାଳନ କରିଥିଲେ। ଉନ୍ନୟନ କମିଟି ସଦସ୍ୟ, ଅଭିଭାବକଙ୍କ ଉପସ୍ଥିତିରେ ସମସ୍ତ ଗୁରୁଜୀ /ଗୁରୁମା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର କ୍ରିଡା ଶିକ୍ଷକ ନକୁଳ ଚରଣ ସାହୁ ଓ ସାମରିକା ମିଶ୍ର ଖେଳ ପରିଚାଳନା କରିଥିଲେ। ବାଳ ବର୍ଗ, ଶିଶୁ ବର୍ଗ, କନିଷ୍ଠ, ବିଭାଗ, ବରିଷ୍ଠ ବିଭାଗରେ ଖେଳ କରାଯାଇଥିଲା ।

# ଶିଶୁ ପାଇଁ ଦିନଟିଏ: ୨୧ ଗ୍ରାମ ଓ ୧ ଗ୍ରା.ପ. ବାଲ୍ୟ ବିବାହ ମୁକ୍ତ



ଭଦ୍ରକ , ୦୬/୧୨ (ନି.ପ୍ର): ଜିଲ୍ଲାରେ ଶିଶୁ ମାନଙ୍କ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଣୀତ ସରକାରୀ ଯୋଜନା, ନୀତି, ନିୟମ, ସବୁର କାର୍ଯ୍ୟକାରୀତା, ସଫଳତା, ବାଧକ ଆଦି ଉପରେ ସମୀକ୍ଷା କରାଯିବା ନେଇ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଦେବରାଜ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଓ ଜିଲ୍ଲା ବାଲ୍ୟବିବାହ ନିଷେଧ ସଂଯୋଜକ ପ୍ରଦ୍ୟୁତ ରଞ୍ଜନ ରାଉତଙ୍କ ଦ୍ୱାରା ତଥ୍ୟ ଉପସ୍ଥାପନ ଆଧାରରେ ଆଲୋଚନା ମତେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିଶେଷ କରି ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ଘୋଷଣା ପାଇଁ ସରକାରଙ୍କ ଆଭିମୁଖ୍ୟ ଆଧାରରେ ଭଦ୍ରକ ଜିଲ୍ଲାରେ ଅଦ୍ୟାବଧି ଭଦ୍ରକ ବ୍ଲକ୍‌ର କେବଳ ଓଲଙ୍ଗ ଗ୍ରାମପଞ୍ଚାୟତକୁ ଏବଂ ଭଦ୍ରକ, ଚାନ୍ଦବାଲି, ବନ୍ତବ୍ଲକ୍ ମିଶି ସମୁଦାୟ ୨୧ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଥିବା ନେଇ ଏ ଦିଗରେ ଆଗକୁ ଏ ସଂଖ୍ୟା ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ଓ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ କି ବିଗତ ଦୁଇ ବର୍ଷ ଧରି ବାଲ୍ୟ ବିବାହ ଆଦୌ ହୋଇନଥିବା, ୬୦% ଅଦ୍ଧିକା ଅଧିବେଶନ ହୋଇଥିବା ଏବଂ ବାଲ୍ୟ ବିବାହ ନିଷେଦ୍ଧ ନେଇ ଗ୍ରାମ ଓ ଗ୍ରାମପଞ୍ଚାୟତ ସ୍ତରୀୟ କମିଟି କାର୍ଯ୍ୟକ୍ଷମ ଥିବା ଆଧାରରେ ବାଲ୍ୟ ବିବାହମୁକ୍ତ ଗ୍ରାମପଞ୍ଚାୟତ ବା ଗ୍ରାମ ଘୋଷଣା କରାଯାଇଥାଏ। ପ୍ରକାଶ ଥାଉକି ଜୁଲାଇ ୨୪ ରୁ ନଭେମ୍ବର ୨୪ ମଧ୍ୟରେ ଜିଲ୍ଲାରେ ସମୁଦାୟ ୧୩ଟି ବାଲ୍ୟବିବାହ ନଜରକୁ ଆସିଥିଲା ବେଳେ ୭ଟି କୁ ବନ୍ଦ କରାଯାଇଥିଲା।୬ ଟି କୁ ବନ୍ଦ କରାଯାଇ ପାରି ନଥିଲା। ଜିଲ୍ଲା ଶିଶୁ ମଙ୍ଗଳ କମିଟି ନିକଟରେ ୫ଟି ଏବଂ ଥାନାରେ ୫ଟି କେଶ୍‌ର ଏଫ୍.ଆଇ.ଆର୍ ଦିଆଯାଇଥିଲା। ୨ଟି କେଶ୍ କୋର୍ଟକୁ ପ୍ରଦାନ କରାଯାଇଛି। କିଶୋର କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଜୀବିକା ଦକ୍ଷତା ଶିକ୍ଷା କାର୍ଯ୍ୟକ୍ରମ ଅଦ୍ଧିକା ଜିଲ୍ଲାର ସମସ୍ତ ୨୪୩୫ ଅଙ୍ଗନବାଡ଼ିରେ ଅନୁଷ୍ଠିତ ହେଉଛି। ଜିଲ୍ଲାରେ ସମୁଦାୟ ଅଦ୍ଧିକା ସଭ୍ୟ ବାଳିକା ୬୦,୪୮୯ ଏବଂ ବାଳକ ୨୪୦୫୦ ଅଛନ୍ତି। ସେହିପରି ଶିଶୁ ଶ୍ରମିକ, ଶିଶୁ ନିର୍ଯ୍ୟାତନା, ନିଶା ଅଭ୍ୟାସ କବଳିତ ଶିଶୁ, ଶିଶୁ ଭିକ୍ଷୁକ ଆଦି ସମସ୍ୟା ଉପରେ ସମୀକ୍ଷା କରାଯାଇଥିଲା। ତଥ୍ୟାନୁଯାୟୀ ଅଦ୍ୟାବଧି ଜିଲ୍ଲାରେ ଥିବା ୯ଟି ଶିଶୁଯତ୍ନ ଅନୁଷ୍ଠାନରେ ୨୨୩ ବାଳକ ଓ ୫୯ ବାଳିକା ସମୁଦାୟ ୨୮୨ ପିଲା ଆବାସିକ ଭାବେ ରହିଛନ୍ତି। ପୃଷ୍ଠପୋଷକତାରେ ଥିବା ବାଳକ ୨୬ ଓ ବାଳିକା ୩୪ ସମୁଦାୟ ସଂଖ୍ୟା ୬୦। ଆଇ.ଟି.ଆଇ., ଡିପ୍ଲୋମା ଓ ପଲିଟେକ୍‌ନିକ୍‌ରେ ଅଧ୍ୟୟନରତ ଅଛନ୍ତି। ବାଳକ ୨୧ ଓ ବାଳିକା ୫। ସେହିପରି ବିଜୁ ଶିଶୁ ସୁରକ୍ଷା ଅନୁଷ୍ଠାନ ଯୋଜନାରେ ୫୯ ଜଣ ପିଲା ଉପକୃତ ହୋଇଛନ୍ତି। ବିବାହ ଜନିତ ଆର୍ଥିକ ସହାୟତା ୫୦ ହଜାର ଟଙ୍କା ଲେଖାଏଁ ୭ ଜଣ ଅନ୍ତେବାସୀଙ୍କୁ ପ୍ରଦାନ କରାଯାଇଛି। ଶିଶୁ ଉଦ୍ଧାର ତଥ୍ୟାନୁଯାୟୀ ଗତ ନଭେମ୍ବର ମାସରେ ବାଲ୍ୟ ବିବାହରେ ୬ ଜଣ, ଶିଶୁ ଶ୍ରମିକ ୨ ଜଣ, ନିର୍ଯ୍ୟାତିତ ଶିଶୁ ୨ ଜଣ, ନିଖୋଜ ଶିଶୁ ୪ ଜଣ ଭିକ୍ଷୁକ ଶିଶୁ ୪ ଜଣ, ଆର୍ଥିକ ଅନାଟନ ପ୍ରଭାବିତ ଶିଶୁ ୩ ଜଣ ସମୁଦାୟ ୨୧ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି।

# ଖୋର୍ଦ୍ଧା ହିନ୍ଦୁ ସୁରକ୍ଷା ମଞ୍ଚ ଓଡ଼ିଶା ସରକାର, ଭାରତ ସରକାରଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର




ଖୋର୍ଦ୍ଧା , ୦୬/୧୨ (ନି.ପ୍ର): ଖୋର୍ଦ୍ଧା ଗତ କାଲି ପାଞ୍ଚ ତାରିଖ ଡିସେମ୍ବର ଚବିଶି , ଗୁରୁବାର ଦିନ ପୂର୍ବାହ୍ନ ଖୋର୍ଦ୍ଧା ଜିଲ୍ଲା ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ଓଡିଶା ସରକାର ଓ ଭାରତ ସରକାରଙ୍କୁ ଏକ ଦାବିପତ୍ର ଖୋର୍ଦ୍ଧା ଜିଲାପାଳଙ୍କ ଜରିଆରେ ପ୍ରଦାନ କରି ଥିଲେ।ବଙ୍ଗଳା ଦେଶରେ ବଙ୍ଗାଳୀ ମାନେ ଭାରତ ହିନ୍ଦୁ ମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରୁଛନ୍ତି। ଏପରି କି ହିନ୍ଦୁ। ମନ୍ଦିର,ହିନ୍ଦୁ ଧର୍ମର ପୁରୁଷ ଓ ମହିଳା ଉପରେ ନିର୍ଦୟ ଭାବେ ନିର୍ଯ୍ୟାତିତ କରୁଅଛନ୍ତି ଜାଣିବାକୁ ମିଳୁଛି। ହିନ୍ଦୁ ସୁରକ୍ଷା ମଞ୍ଚର ହଜାର ହଜାର ସଦସ୍ୟ ଏକ ବିରାଟ ରାଲିରେ ଆସି ବିଭିନ୍ନ ସ୍ଲୋଗାନ୍ ଦେଇ ହିନ୍ଦୁ ସାମାଜ ଉପରେ, ବଙ୍ଗାଳୀ ମାନେ, ବଙ୍ଗଳା ଦେଶରେ ହିନ୍ଦୁ ଭାରତୀୟଙ୍କ ଉପରେ ଅତ୍ୟାଚାର ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି। ବଙ୍ଗଳାଦେଶ ଭାରତୀୟଙ୍କ ଉପକାର ଭୁଲି ଯାଇ ଏବେ ସଂଖ୍ୟା ଲଘୁ ହିନ୍ଦୁଙ୍କ ନିର୍ମମ ଭାବେ ହଇରାଣ କରିବା ଚରମ ସୀମାରେ ପହଂଚି ଗଲେଣି। ଯାହା ଆମ ଦେଶ ପାଇଁ ଅସହ୍ୟ। ଆମ ଦେଶର ରାଷ୍ଟର୍ପତି ଓ ପ୍ରଧାନ ମନ୍ତ୍ରୀ ବଙ୍ଗଳା ସରକାରଙ୍କୁ ଜଣାଇ ଦିଅନ୍ତୁ ଭାରତୀୟ ମାନେ ଏହାକୁ ବରଦାସ୍ତ କରିବେ ନାହିଁ। ଯେସାକୁ ଦେସା ନୀତି ଆଦିରିବେ ।ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ମାତ୍ର ତା ଉପରେ ଅନ୍ୟାୟ ହେଲେ ବରଦାସ୍ତ କରିବ ନାହିଁ।

# ଇଫକୋ କୋରଡେଟ୍ ପକ୍ଷରୁ ବିଶ୍ୱ ମୃର୍ତ୍ତିକା ଦିବସ ପାଳିତ




ପାରାଦୀପ, ୦୬/୧୨ (ନି.ପ୍ର): କୋଅପରେଟିଭ ରୁରାଲ ଡେଭଲପମେ ଟ୍ରଷ୍ଟ (କୋରଡେଟ୍) ପକ୍ଷରୁ ଆଜି ବିଶ୍ୱ ମୃର୍ତ୍ତିକା ଦିବସ ପାଳିତ ହୋଇଯାଇଛି । ଇଫକୋ କୋରଡେଟ୍ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ବଡବେତରା ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକ୍ ଅଧ୍ୟକ୍ଷ ଅଭୟ ମହାରାଜ ଅତିଥିଭାବେ ଯୋଗ ଦେଇ ଇଫକୋ କୋରଡେଟ୍ ?ର ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । କୋରଡେଟ୍ ?ର ଅଧ୍ୟକ୍ଷ କୁଳମଣି ମାଝୀ କୃଷି କ୍ଷେତ୍ରରେ ଇଫକୋ ଦ୍ୱାରା ପ୍ରସ୍ତୁତ ନାନୋ ଫର୍ଟିଲାଇଜର ଅନ୍ୟ ସାର ଅପେକ୍ଷା ଅଧିକ ଫଳପ୍ରଦ ହେଉଥିବା ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଇଫକୋର ଫିଲ୍ଡ ଅଫିସର ଅରୁନ କୁମାର ବେହେରା, ବ୍ଲକ୍ କୃଷି ଅଧିକାରୀ ଡ. ଗୌତମ ଦାସ, କୃଷି ବିଶେଷଜ୍ଞ ଅରବିନ୍ଦ ସାହୁ, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ମହାପାତ୍ର, କୋରଡେଟ୍ ଅଧିକାରୀ ଅଭରୋ ଦେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନାନୋ ଫର୍ଟିଲାଇଜରର ଉପଯୋଗିତା ସମ୍ପର୍କରେ କୃଷକମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା । ଦୁଇଶହରୁ ଉର୍ଦ୍ଧ ଚାଷି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ସେମାନଙ୍କୁ ନାନୋ ୟୁରିଆ ପ୍ରଦାନ କରାଯାଇଥିଲା।

# ବିପୁଳ ପରିମାଣର ନିଶା କଫ୍ ସିରପ ଜବତ: ୫ ଗିରଫ

ସମ୍ବଲପୁର, ୦୬/୧୨ (ନି.ପ୍ର): ସମ୍ବଲପୁରରୁ ପୁଣି ବ୍ୟାପକ ପରିମାଣର ନିଶା କଫ୍‌ସିରପ୍ ଜବତ ହୋଇଛି। କିଛିଦିନ ହେଲା ସମ୍ବଲପୁର ପୋଲିସ ପକ୍ଷରୁ ବେଆଇନ ନିଶା କାରବାର ଉପରେ ଚଢ଼ଉ ଅଭିଯାନ ଜାରି ରହିଛ । ଏହି କ୍ରମରେ ଧନୁପାଲି ଥାନା ଅଧିନ ସିଟିଷ୍ଟେଶନ ନିକଟସ୍ଥ ଝାଙ୍କରପଡ଼ାରୁ ପ୍ରାୟ ୧୨ଟି ପେଟିରେ ଶହେ ମିଲିଲିଟର ବିଶିଷ୍ଟ ୧୪୪୦ ବୋତଲ କଫ ସିରପ ଜବତ କରିଛି ଧନୁପାଲିଥାନା ପୋଲିସ । ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିର ମହମ୍ମଦ ତସ୍ଲିମ୍(୨୪), ମହମ୍ମଦ ଆତିଫ୍(୩୫), ମୋତିଝରଣର ଏସ୍କେ ଜୈରୁଦ୍ଦିନ ଓରଫ ବିଟୁ(୨୮), ଟାଉନଥାନା ଅନ୍ତର୍ଗତ ସାହୁକଲୋନୀର ସାନ୍ତନୁ ଦାସ ଓରଫ ସୋନୁ(୨୯) ଓ ଉତରପ୍ରଦେଶ କୌସମ୍ବି ଜିଲା ହାଟୁଆ ଗ୍ରାମର ମହମ୍ମଦ ଆକ୍ରମ୍(୩୦) ।

# ଆମ୍ବହତା କେନାଲ କାମରେ ବ୍ୟାପକ ଅନିୟମିତତା: ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଚାଷୀଙ୍କ ଦାବି



ଖଇରା, ୦୬/୧୨ (ନି.ପ୍ର): ସାଳନ୍ଦୀ ବାମ ପାର୍ଶ୍ୱ ଆମ୍ବହତା କେନାଲ ର ଖଇରା ଉପଖଣ୍ଡ ଅଧୀନ ରେ ଆନନ୍ଦପୁର ବ୍ୟାରେଜ ଡିଭିଜନ ତତ୍ତ୍ୱାବଧାନରେ ଚାଲିଥିବା ୧୪କିମି କେନାଲ ଖୋଳା ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଛି । ନିର୍ମାଣ ଚାଲିଥିବା ଫୁଟ ବ୍ରିଜ ଓ ସାଇଫୁନ କାମ ବେପରୁଆ ଢଙ୍ଗରେ ଚାଲିଛି। କାର୍ଯ୍ୟ ସରିବାର ସମୟ ଅତିକ୍ରାନ୍ତ ହୋଇଯାଇଥିବା ବେଳେ କେନାଲ ଖୋଳା କାମ ଜାରି ରହିଛି । ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କେନାଲରୁ ଉପକୃତ ହେବାକୁ ଥିବା ହଜାର ହଜାର ଚାଷୀ ଦାବୀ କରିଛନ୍ତି । ଆମ୍ବହତା କେନାଲର ୧୬କିମିରୁ ୩୦କିମି ପର୍ଯ୍ୟନ୍ତ କେନାଲ ଖୋଳା କାମ ପ୍ରଥମେ ଏକ କମ୍ପାନୀକୁ ଦିଆଯାଇଥିଲା । ସେ ଅଧାରୁ ଛାଡି ପଳାଇବା ପରେ ବର୍ତ୍ତମାନ ଦାୟିତ୍ୱରେ ଥିବା କମ୍ପାନୀକୁ ପ୍ରଦାନ କରାଯାଇଛି । ଏବଂ ଏହା ଏବେ ଆନନ୍ଦପୁର ବ୍ୟାରେଜ ଡିଭିଜନ ଅଧୀନରେ ଚାଲୁଛି । ହେଲେ କାର୍ଯ୍ୟ ଏଷ୍ଟିମେଟ ଅନୁଯାୟୀ ହେଉନଥିବା ନେଇ ଗଡ, କଡମିଆ, ସାରକୋଣା, ଭଦଳୀ, ମିଟୁଆଣି, ନୂଆଗାଁବଡ, କଣ୍ଟାବଣିଆ, ବଳଭଦ୍ରପୁର, ଗ୍ରାମର ଚାଷୀ ଓ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଆନନ୍ଦପୁର ଅଧୀନରେ ଚାଲିଥିବା ୧୪କିମି କାର୍ଯ୍ୟ ପାଇଁ ୧୦୦କୋଟିରୁ ଉର୍ଦ୍ଧ ଟଙ୍କା ପ୍ରଦାନ କରାଯାଇଛି । କୋନଲ କାମର ତଳ ବେସ ନିର୍ମାଣ ପାଇଁ ବାଲି ବଦଳରେ ମୋରମ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି । ଯେଉଁଥିପାଇଁ ଏହାର ସ୍ଥାୟିତ୍ୱ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୨୫ରୁ ୩୦କିମି ଅଂଶରେ ଚାଲିଥିବା କାର୍ଯ୍ୟ ତଦାରଖ ପାଇଁ ନିଯୁକ୍ତ ସହକାରୀ ଯନ୍ତ୍ରୀ ଅଭିଯୋଗ କରିବାକୁ ଆସୁଥିବା ଚାଷୀଙ୍କୁ ଅଧିକାଂଶ ସମୟରେ ଉଚିତ ଢଙ୍ଗରେ ବ୍ୟବହାର କରୁନଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ସେହିଭଳି ଆନୁମାନିକ ୨୫୦କୋଟି ଟଙ୍କା ବ୍ୟୟରେ ଚାଲିଥିବା ଭୂତଳ ପାଇପଲାଇନ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭରୁ ୩ବର୍ଷ ବିତିଯାଇଥିଲେ ହେଁ କାମ ସରିପାରିନାହିଁ କି ଚାଷୀମାନଙ୍କ ଚାଷଜମିକୁ ଠିକଠାକ ଜଳ ମାଡିପାରୁନାହିଁ । ଯନ୍ତ୍ରୀମାନଙ୍କ ପାଇଁ ଖଇରା ଠାରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯାଇଥିଲେ ହେଁ କେବଳ ଭୋଜିଭାତ ଦିନ ଯନ୍ତ୍ରୀ ମାନେ ଉପଲବ୍ଧ ହୋଇ ଥାଆନ୍ତି । ଅନ୍ୟଦିନେ କାର୍ଯ୍ୟାଳୟ ବନ୍ଦ ଥିବା ଦେଖିବାକୁ ମିଳେ । ଅଧିକାଂଶ ସମୟରେ ଯନ୍ତ୍ରୀଙ୍କଯକ ଅନୁପସ୍ଥିତି ଅନିୟମିତତାକୁ ପ୍ରୋତ୍ସାହିତ କରୁଛି । ସ୍ଥାୟୀ କାର୍ଯ୍ୟାଳୟ ଖୋଲିବାକୁ ବରମ୍ବାର ଦାବି କରାଯାଇ ଆସୁଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଅନିୟମିତତା ଅଭିଯୋଗ ନେଇ ଆସୁଥିବା ଚାଷୀମାନେ ଫେରିଯିବାକୁ ବାଧ୍ୟ ହେଉଥିବା ନେଇ ଚାଷି ରତ୍ନାକର ବିଶ୍ୱାଳ କହିଛନ୍ତି । ସେହିଭଳି ୨୫୦କୋଟି ଟଙ୍କା ବ୍ୟୟରେ ଚାଲିଥିବା ଭୂତଳ ପାଇପଲାଇନ ଜଳସେଚନ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡିଥିବା ବେଳେ ଅଧିକାଂଶ ଜମିକୁ ପାଣି ମାଡୁନଥିବା ନେଇ ଚାଷୀ ମାନେ ଅଭିଯୋଗ କରିଛନ୍ତି । ନୂଆଗାଁ ଭଳି ବହୁ ସ୍ଥାନରେ ପମ୍ପହାଉସ କାମ ଏ ପର୍ଯ୍ୟନ୍ତ ସରିପାରୁନାହିଁ। ଆବଶ୍ୟକ ଗଭିରତା ଠାରୁ କମ ଗଭିରତାରେ ପାଇପ ବିଛାଯିବା ଏବଂ ପାଇପର ମାନ ଅତ୍ୟନ୍ତ ଖରାପ ଯୋଗୁଁ କାମ ପୂର୍ଣ୍ଣାଙ୍ଗ ନହେଉଣୁ ଏବେ ପାଇପ ଫାଟିବାକୁ ବସିଲାଣି । ଏ ସମ୍ପର୍କରେ ଅଧିକ୍ଷଣ ଯନ୍ତ୍ରୀ ଶୁଭ୍ରାଂଶୁ ଶେଖର ଦିବେଦ୍ୱୀଙ୍କୁ ଯୋଗାଯୋଗ କରିବାରେ ସେ ପ୍ରାୟ ଅଧିକାଂଶ ଦିନ କାମ ଦେଖିବାକୁ ଯାଉଛନ୍ତି । ଗ୍ରାମବାସୀ ମାନେ କରିଥିବା ଅଭିଯୋଗର ତଦନ୍ତ କରିବେ ବୋଲି କହିଛନ୍ତି ।

# ଲିଙ୍ଗ ଭିତ୍ତିକ ହିଂସା ବିରୋଧି ଅଭିଯାନ

ଭଦ୍ରକ, ୦୬/୧୨ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ସୋସାଇଟ୍ ଫର୍ ଉଇକର୍ କ୍ୟୁମ୍ୟୁନିଟ୍ (ଆସିଆନା) ମିଳିତ ଆନୁକୂଲ୍ୟରେ ଚରମ୍ପାସ୍ଥିତ ୟୁନାଇଟେଡ୍ ସଭାଗୃହରେ ପୂର୍ବତନ ପ୍ରଶାସନିକ ଅଧିକାରୀ ପଦ୍ମନ୍ କୁମାର ରାୟ ସଭାପତିତ୍ୱରେ ଏକ ସଚେତନତା କାଯର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଆଇ.ଏ.ଏଚ୍.ଟି.ୟୁ. ଇନିସ୍‌ପେକ୍ଟର ସଂଗ୍ରାମ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ସୁରଜିତା ନାୟକ ଏବଂ ବରେଣ୍ୟ ଅତିଥି ଭାବେ ଓ୍ୱାର୍ଡ଼ ନଂ-୫ ର କାଉନ୍‌ସିଲର ଦିଲ୍ଲୀପ୍ ନାୟକ ଓ ମୁଖ୍ୟ ବକ୍ତା ଭାବେ ବାଲ୍ୟବିବାହ ସଂଯୋଜକ ପ୍ରଦ୍ୟୁତ୍ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ଏହି ଷୋଳଦିବସିୟ ଲିଙ୍ଗ ଭିତ୍ତିକ ହିଂସା ବିରୋଧି ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସଭାପତି ହେମନ୍ତ କୁମାର ମିଶ୍ର ଓ ସମ୍ପାଦକ ବିଶାଲ ଲଖାନୀ ବିରଷ୍ଠ ସଦସ୍ୟ ବିଦ୍ୟାଧର ବାରିକ୍ ସହ କ୍ଲବ୍‌ର ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ପ୍ରାରମ୍ଭିକ ସୂଚନା ଆସିଆନାର ସଂଯୋଜକ ରିଆଜ୍ ଅହମ୍ମଦ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସମ୍ବିତ୍ ମହାନ୍ତି କର୍ମକର୍ତ୍ତା ରୁବିନା ବେହେରା, ଜନ୍ମଜ୍ୟୋତି ବେହେରା, ସାଧନା ସରଗମ୍ ଦାସ ପରିଚ୍ଳନା କରିଥିଲେ। ଶେଷରେ ବିକାଶ ରାଉତ ଧନ୍ୟବାଦ୍ ଅର୍ପଣ କରୁଥିଲେ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ....

## ପୂର୍ବ ସରକାରରେ ବିକ୍ରି ...

ସମ୍ପୃକ୍ତି ଥିଲା । ଗତ ୨୦୨୩ ବର୍ଷରେ ହୋଇଥିବା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ)ରେ ତ୍ରୁଟି ହୋଇଥିବା ବେଳେ ସଚିବାଳୟ ନିଯୁକ୍ତିରେ ବଡ଼ ଧରଣରର ଚଞ୍ଚକତା ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଆଗାମୀ ପୀଢ଼ିଙ୍କ ଭବିଷ୍ୟତ ସହ ପୂର୍ବ ସରକାର ଛଳନା ଓ ପ୍ରତାରଣା କରୁଥିଲେ । ପୂର୍ବ ସରକାରର ଏହି କାର୍ଯ୍ୟଧାରାକୁ ବର୍ତ୍ତମାନର ସରକାର ବନ୍ଦ କରିଛନ୍ତି। ପୂର୍ବ ସରକାର ସମୟରେ ରାଜ୍ୟରେ ନିଯୁକ୍ତିରେ କୌଣସି ସ୍ୱଚ୍ଛତା ନ ଥିଲା। ପ୍ରଶାସନ ଦୁର୍ନୀତି ହିଁ ଭରି ରହିଥିଲା। ନିଯୁକ୍ତି ପରୀକ୍ଷା ଦାୟିତ୍ୱରେ ରହୁଥିବା ଅଧିକାରୀମାନେ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ରାକେଟରେ ଲିପ୍ତ ରହୁଥିଲେ। ପୂର୍ବ ସରକାର କେବଳ ଆଉଟସୋର୍ସରେ ରହିଯାଇଥିଲା । ବିରୋଧୀ ଦଳ ଯଦି ଚାହିଁବେ, ତେବେ ସେମାନେ ଗୃହକୁ ଆସି ଏ ବାବଦରେ ମତାମତ ରଖିପାରିବେ । ସରକାରଙ୍କ ନାକ ତଳେ ଏହି ଦୁର୍ନୀତି ହେଉଥିଲେ ମଧ୍ୟ ସରକାର କାହିଁକି ଚୁପ୍ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ପୂର୍ବ ସରକାର ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦେଉଥିଲେ। ପୂର୍ବ ସରକାର କେବଳ ଆଉଟ୍ ସୋର୍ସରେ ରହି ଯାଇଥିଲେ। ଅନ୍ୟପଟେ ସ୍ୱଚ୍ଛତା ଓ ସାଧୁତା ଆମ ସରକାରର ଦାୟିତ୍ୱ। ଆମେ ଆରମ ପ୍ରତିଶ୍ରୁତି ପାଳନ କରିବୁ। ଆଗକୁ ଦେଢ଼ ଲକ୍ଷ ନିଯୁକ୍ତି ଦେବୁ। ଖାଲି ଥିବା ସମସ୍ତ ପଦବୀ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବିଧାନସଭାରେ ପାରିତ ହେଲା ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ୨୦୨୪ । ପରୀକ୍ଷା ଗଫଲତି ରୋକିବାକୁ ରାଜ୍ୟ ସରକାର ଏହି ନୂଆ ବିଲ୍ ଆଣିଥିଲେ, ଯାହାକି ଏବେ ବିଧାନସଭାରେ ପାରିତ ହେଇଛି । ତେବେ ନୂଆ ବିଲରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରହିଥିବା ନେଇ ସୂଚନା ମିଳିଛି ।

## ଭିଟାମାଟିରେ ପାଦ...

ପୋଷାକ ଖରାପ ହେବା, ଅଭାବ ଭିତରେ ବି ପାଠ ପଢ଼ିବାର ନିଶା ଏବଂ ଗୁରୁମାନଙ୍କ ଅବଦାନକୁ ମନେ ପକାଇ ବେଶ୍ ଭାବବିହ୍ୱଳ ହୋଇଥିଲେ ରାଷ୍ଟ୍ରପତି। ସ୍କୁଲରେ ଖାଲି ସମ୍ବୋଧିତ କରି କରିନାହାଁନ୍ତି, ପ୍ରୋଟୋକଲ ଭାଙ୍ଗି ଛାତ୍ରଛାତ୍ରୀ ଓ ନିଜର ବାଲ୍ୟ ବାନ୍ଧବୀଙ୍କୁ ଭେଟି ଭାବବିନିମୟ କରିଛନ୍ତି ରାଷ୍ଟ୍ରପତି। ସାଙ୍ଗରେ ଆଣିଥିବା ଉପହାର ମଧ୍ୟ ବାଣ୍ଟିଛନ୍ତି। ତାହାରି ଭିତରେ ଦେଶର ପ୍ରଥମ ନାଗରିକ ବନିଥିବା ଆଜିର ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଥମରୁ ପଞ୍ଚମ ଯାଏଁ ପଢ଼ାଇଥିବା ଗୁରୁଙ୍କୁ ସାକ୍ଷାତ କରିବାକୁ ଭୁଲିନାହାଁନ୍ତି ମାଡ଼ାମ୍ ପ୍ରେସିଡେଣ୍ଟ। ଯାହାଙ୍କୁ ମଞ୍ଚ ଉପରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ହାତଯୋଡ଼ି କୃତଜ୍ଞତା ଜଣାଇଛନ୍ତି। ଆଉ ରାଷ୍ଟ୍ରପତି ବନିଥିବା ସେଦିନର ଛାତ୍ରୀ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ନିଜକୁ ଧନ୍ୟ ମନେ କରିଛନ୍ତି ମଦନ ମୋହନ ସାର, କୃତିବାସ ସାର ଓ ବିଶୁ ସାର। ସ୍କୁଲରେ କାର୍ଯ୍ୟକ୍ରମ ସରିବା ପରେ ରାଷ୍ଟ୍ରପତି ସିଧା ଯାଇଥିଲେ ନିଜ ପୈତୃକ ଘରକୁ। ଯେଉଁଠି ଜନ୍ମ ହୋଇଥିଲେ ମହାମହିମ। ରାଷ୍ଟ୍ରପତି ବନିଥିବା ଝିଅକୁ ଦୁବ ଆଉ ବରକୋଳି ପତ୍ର ସହ ବନ୍ଦାପନା କରି ସ୍ୱାଗତ କରିଥିଲେ ପରିବାର, ଆତ୍ମୀୟ ସ୍ୱଜନ। ଘରେ ପହଞ୍ଚିବା ପରେ ପ୍ରୋଟୋକଲ ଭାଙ୍ଗି ମହିଳାଙ୍କ ସହ ସାନ୍ତାଳି ନୃତ୍ୟରେ ସାମିଲ ହୋଇଥିଲେ। ପରେ ଘରକୁ ଯାଇ ନିଜ ପୁତୁରା ଓ ପୁତୁରା ବୋହୂଙ୍କୁ ହାତରୁ ମଣ୍ଡା ପିଠା ଓ ଆରିଷା ପିଠା ସହ ଖାଇଥିଲେ ମଧ୍ୟାହ୍ନ ଭୋଜନ। ଆଉ ସମସ୍ତଙ୍କୁ ଦିଲ୍ଲୀ ଯିବାକୁ ନିମନ୍ତ୍ରଣ ସହ ରାଷ୍ଟ୍ରପତି ଭବନରୁ ଆଣିଥିବା ଶାଢ଼ୀ ଓ ମିଠା ଦେଇଥିଲେ।

## ବିଧାନସଭାରେ ...

ହେବାମାତ୍ରେ ମଧଭାଗକୁ ଆସି ହଟ୍ଟଗୋଳ କରିଥିଲେ । ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗରେ ସେମାନଙ୍କ ସହିତ ସ୍ୱର ମିଶାଇଥିଲା । ଯେଉଁଥିପାଇଁ ଗୃହକାର୍ଯ୍ୟ ପ୍ରଭାବିତ ହୋଇଥିଲା । ଗୃହ ବାହାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ, ବିଜେଡି ଆଗରୁ ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ କରୁଥିଲା । ଆଉ ଆଗକୁ ମଧ ଲଢ଼େଇ ଜାରି ରହିବ । ତେବେ ପୋଲାଭରମ ପ୍ରସଙ୍ଗରେ ନବୀନଙ୍କ ଏହି ବୟାନ ଉପରେ କଡ଼ା ପ୍ରତିକ୍ରିୟା ଦେଇ ବିଜେପି । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶାଣିତ ଭାଷାରେ ନବୀନଙ୍କୁ ନାଁ ନନେଇ କଟାକ୍ଷ କରିଛନ୍ତି । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, କିଏ କେତେ ବାଟ ଲଢ଼େଇ କରୁଥିଲା କି କ'ଣ କରୁଥିଲା, ୨୪ବର୍ଷର ଇତିହାସ ଦେଖିଲେ ଜଣାପଡ଼ୁଛି । ଏହି ଇତିହାସ ବହୁତ ଲମ୍ବା ଅଛି । ତେଣୁ ଲଢ଼େଇ କେଉଁଠି, କେମିତି କରୁଥିଲେ, ସେକଥା ଯଦି ଖୋଲି ଦିଆଯାଏ ତା'ହେଲେ କିଛି ଲୋକ ରାଜନୀତିରୁ ସନ୍ୟାସ ନେଇଯିବେ ନହେଲେ କାହାକୁ ମୁହଁ ଦେଖାଇ ପାରିବେ ନାହିଁ । ଓଡ଼ିଶାବାସୀଙ୍କ ସ୍ୱାର୍ଥ ଲାଗି ବିଜେପି ଲଢ଼େଇ କରିବା ପାଇଁ ସର୍ବଦା ଆଗକୁ ଆସିଛି । ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରତିବଦ୍ଧ । ଆଗକୁ ଓଡ଼ିଶାର ସ୍ୱାର୍ଥ ପାଇଁ ଯାହା ଆବଶ୍ୟକତା ଅଛି, ବିଜେପି ସରକାର ନିଶ୍ଚିତ କରିବ । ଏହାର ସ୍ପଷ୍ଟତା ଆମେ ଦେଉଛୁ । କିନ୍ତୁ ୨୪ବର୍ଷର ଇତିହାସ ଯଦି ଅନୁଶୀଳନ କରାଯାଏ ତେବେ ପୂର୍ବ ବିଜେଡି ସରକାର କ'ଣ ଲଢ଼େଇ କରୁଥିଲେ, ଓଡ଼ିଶାର କେତେ ସ୍ୱାର୍ଥ ସୁରକ୍ଷା କରିଛନ୍ତି, ତାହାର ଏକ ନଗ୍ନ ଚିତ୍ର ଓଡ଼ିଶା ଲୋକଙ୍କ ଆଗରେ ରହିଛି ବୋଲି ଶ୍ରୀ ହରିଚନ୍ଦନ କହିଥିଲେ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଅଭିଯୋଗ କରିଛନ୍ତି ଯେ, ଗୋଦାବରୀ ନଦୀରେ ବିବାଦୀୟ ପୋଲାଭରମ୍ ଡ୍ୟାମ୍ ନିର୍ମାଣ କାର୍ଯ୍ୟରେ ଡବଲ ଇଞ୍ଜିନର ବିଜେପି ସରକାର ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରୁଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ବହୁ ଅଂଚଳ ବୁଡ଼ିଯିବ । କିନ୍ତୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିରବ ରହିଛନ୍ତି ।

## ଚାଷୀଙ୍କ ଉପରକୁ ଟିୟର ...

ସ୍ୱର ବଦଳିଛି। କେନ୍ଦ୍ର ପକ୍ଷରୁ ଆନ୍ଦୋଳନ କରୁଥିବା ଚାଷୀଙ୍କୁ ଆଲୋଚନା ପାଇଁ ଡକାଯାଇଛି। କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଭାଗିରଥୀ ଚୌଧୁରୀ କହିଛନ୍ତି, "ଯଦି ଚାଷୀମାନଙ୍କର କୌଣସି ସମସ୍ୟା ରହିଛି, ତା'ହେଲେ ସେମାନେ ସରକାରଙ୍କ ସହ ଏହାର ସାମାଧାନ ପାଇଁ ଆଲୋଚନା କରିପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାହାନ୍ତି ଯେ କୌଣସି ବି ଲୋକ ସମସ୍ୟାରେ ନ ରୁହନ୍ତୁ। ଯଦି ସେମାନଙ୍କର କୌଣସି ସମସ୍ୟା ରହିଛି, ଆମେ ଏକାଠି ବସି ଏହା ଉପରେ ଆଲୋଚନା କରିପାରିବା। ପ୍ରତଟି ସମସ୍ୟାର ସମାଧାନ ଆଲୋଚନା ଦ୍ୱାରା ହୋଇପାରିବ। ସେମାନେ ପ୍ରଥମେ ସରକାରଙ୍କ ସହ କଥା ହେବା ଜରୁରୀ।

## ଭିଜିଲାନ୍ସ ଜାଲରେ ....

ଚଢ଼ାଉ ବେଳେ ସମ୍ବଲପୁର ସ୍ଥିତ ତାଙ୍କ ସରକାରୀ ବାସଭବନରୁ ନଗଦ ୧୪.୫ ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ପୁଳା ପୁଳା ସଂପତ୍ତି ଠାବ କରାଯାଇଛି। ଏସିଏଫ ରେବତୀ ରମଣ ଯୋଶୀଙ୍କର ୩ଟି କୋଠା ଅଛି। ସେଥିରୁ ଗୋଟିଏ ତିନି ମହଲା ବିଶିଷ୍ଟ, ଯାହା ସମ୍ବଲପୁର ସହରର ଅଇଁଠାପାଲିରେ ଅଛି। ସମ୍ବଲପୁରରେ ତାଙ୍କର ଏକ କମର୍ସିଆଲ ବିଲଡିଂ ଅଛି। ଏହାକୁ ସେ ଭଡ଼ାରେ ଲଗାଇଛନ୍ତି। ପଦ୍ମପୁରରେ ତାଙ୍କର ଗୋଟିଏ ଏକ ମହଲା ବିଶିଷ୍ଟ ଘର ଅଛି। ଏହା ସହିତ ତାଙ୍କର ୪ଟି ଫ୍ଲାଟ୍ ଅଛି। ଗୋଟିଏ ଫ୍ଲାଟ ଭୁବନେଶ୍ୱରର ଘାଟିକିଆର ରୋୟାଲ ଆପାର୍ଟମେଣ୍ଟରେ ଅଛି। ଆଉ ଗୋଟିଏ ୩-ବିଏଚ୍‌କେ ବିଶିଷ୍ଟ ଫ୍ଲାଟ ସେ ସମ୍ବଲପୁରର ଫାର୍ମ ରୋଡ୍ ସ୍ଥିତ ସିଟି ପ୍ରାଇଡ୍ ଆପାର୍ଟମେଣ୍ଟରେ କିଣିଛନ୍ତି। ସମ୍ବଲପୁରର ଚର୍ଚ୍ଚ ଛକରେ ବ୍ରିଜ୍‌ଧାମ ହାଉସିଂ ସୋସାଇଟିରେ ତାଙ୍କର ଦୁଇଟି ୨-ବିଏଚ୍‌କେ ଫ୍ଲାଟ୍ ଅଛି। ସମ୍ବଲପୁରର ଫାର୍ମ ରୋଡ୍ ସ୍ଥିତ ଏହି ସିଟି ପ୍ରାଇଡ୍ ଆପାର୍ଟମେଣ୍ଟରେ ଅଛି ଏସିଏଫଙ୍କର ଗୋଟିଏ ଫ୍ଲାଟ। ରେବତୀ ରମଣ ଯୋଶୀଙ୍କର ୭ଟି ପ୍ଲଟ ଅଛି। ସେଥିରୁ ୪ଟି ସମ୍ବଲପୁର ସହରରେ ଥିବା ବେଳେ ବାକି ୩ଟି ବରଗଡ଼ ଜିଲ୍ଲା ପଦ୍ମପୁରରେ ଅଛି। ଏହି ସବୁ କୋଠା, ଫ୍ଲାଟ ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ କରାଯାଉଛି। ସେହିପରି ତାଙ୍କ ଘରୁ ୧୫୦ ଗ୍ରାମର ସୁନା ଅଳଙ୍କାର ଓ ୩୦୦ ଗ୍ରାମର ରୁପା ଅଳଙ୍କାର ମିଳିଛି। ତାଙ୍କ ବ୍ୟାଙ୍କ, ବୀମା ଓ ଡାକଘର ଜମା ବାବଦ ରାଶି ସଂପର୍କରେ ଯାଞ୍ଚ ଜାରି ରହିଛି।

## ରାହୁଲ ଗାନ୍ଧିଙ୍କ...

ପ୍ରକ୍ସି ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ ପୂର୍ବରୁ ମାମଲାରେ କେନ୍ଦ୍ରର ପକ୍ଷ ରଖୁଥିବା ଓକିଲ ଏବେ ବରିଷ୍ଠ ଓକିଲର ମାନ୍ୟତା ପାଇସାରିଛନ୍ତି। ତେଣୁ ଆଉ ଜଣେ ଓକିଲଙ୍କର ନିଯୁକ୍ତି ଆବଶ୍ୟକ ରହିଛି। ଏହା ଶୁଣିବା ପରେ ଖଣ୍ଡପୀଠ ଆବେଦନର ଶୁଣାଣି ୨୦୨୫ ମସିହା ଜାନୁଆରୀ ୧୩ରେ ହେବ ବୋଲି କହିଛନ୍ତି। ସ୍ୱାମୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟ ସାଭାରୱାଲ ଏପରି ଆବେଦନ କରିଛନ୍ତି। ତାଙ୍କ କହିବା କଥା ଯେ ରାହୁଲ ଗାନ୍ଧି ଭାରତର ନାଗରିକ ହେବା ସହ ତାଙ୍କ ପାଖରେ ବ୍ରିଟେନର ନାଗରିକତା ମଧ୍ୟ ରହିଛି। ହେଲେ ଏହାକୁ ସେ ସାର୍ବଜନୀନ କରିନାହାନ୍ତି।

## ଅଭିବୃଦ୍ଧି ହାର ୫.୪%କୁ ...

ଏହା ୭ ପ୍ରତିଶତ ଅଭିବୃଦ୍ଧି ହାର ଆକଳନଠାରୁ କମ୍। ୨୦୨୨ ମେ ମାସଠାରୁ ୨୦୨୩ ଏପ୍ରିଲ ମାସ ଯାଏଁ ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ଭାବେ ଛଅ ଥର ରେପୋ ରେଟ୍ ବୃଦ୍ଧି କରିଥିଲା। ଏହି ସମୟରେ ରେପୋ ରେଟ୍‌ରେ ୨୫୦ ବେସିସ ପଏଣ୍ଟ ବୃଦ୍ଧି ପାଇଥିଲା। ଏହା ପରଠାରୁ ବ୍ୟାଙ୍କ କ୍ରମାଗତ ଭାବେ ରେପୋ ରେଟ୍ ସ୍ଥିର ରଖିଛି। ସୂଚନାଯୋଗ୍ୟ ଯେ ପ୍ରତି ଦୁଇ ମାସରେ ଥରେ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି କମିଟିର ବୈଠକ ବସି ରେପୋ ରେଟ୍ ବୃଦ୍ଧିହ୍ରାସ ନିଷ୍ପତ୍ତି ନେଇଥାଏ। ଚଳିତ ଆର୍ଥିକ ବର୍ଷ ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ହେବ ବୋଲି ଆକଳନ କରାଯାଇଥିଲା। ମାତ୍ର, ଏବେ ତାହା ୬.୬ ପ୍ରତିଶତ ହେବ ବୋଲି ରିଜର୍ଭ ବ୍ୟାଙ୍କ ହିସାବ କରୁଛି। ବ୍ୟାଙ୍କର ହିସାବ ଅନୁସାରେ ମୁଦ୍ରାସ୍ଫୀତି ହାର ୪.୫ ପ୍ରତିଶତରୁ ୪.୮ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ଅକ୍ଟୋବରରେ ଏହା ୬ ପ୍ରତିଶତକୁ ବୃଦ୍ଧି ପାଇଥିଲା।

## ଚାଷୀଙ୍କୁ ଧାନ ...

ଗୋଟିଏରୁ ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣରେ ବର୍ଷା ହୋଇପାରେ। ତେବେ ବାକି ଜିଲ୍ଲାରେ ପାଗ ସାଧାରଣରେ ମେଘୁଆ ରହିବ। ଠିକ୍ ସେହିପରି ୯ ତାରିଖରେ ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ଢ଼େଙ୍କାନାଳ, ଅନୁଗୋଳ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣରେ ବର୍ଷା ହେବାର ସମ୍ଭାବନା ରହିଛି।

# ଆମ୍ବେଦକରଙ୍କ ୬୮ ତମ ମୃତ୍ୟୁ ଦିବସ ପାଳିତ

ଲଙ୍ଗଳେଶ୍ୱର , ୦୬/୧୨ (ନି.ପ୍ର): ବାଲିଆପାଳ ଆମ୍ବେଦକର କଲ୍ୟାଣ ସମିତି ପକ୍ଷରୁ ଶୁକ୍ରବାର ପାରୁଳିଆ ଛକ ଦୁର୍ଗା କଲ୍ୟାଣ ମଣ୍ଡପ ରେ ପାଳିତ ହୋଇ ଯାଇଛି। ସମିତିର ସଭାପତି ବୈଲୋଚନ ପାତ୍ରଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବ ରେ ପ୍ରାକ୍ତନ ଅଧକ୍ଷ କୁଞ୍ଜକାନ୍ତ ପାତ୍ର ମୁଖ୍ୟ ଅତିଥି , ବରିଷ୍ଠ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବାଦଲ କୁମାର ମାଝୀ, ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ସ୍ୱେଚ୍ଛାସେବୀ ସଂଗଠନ ରାହା ର ମୁଖ୍ୟ ଆରତୀ ପାତ୍ର, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀହରି ଚରଣ ମଣ୍ଡଳ, ସମାଜସେବୀ ବିଜୟ କୁମାର ଗିରି ପ୍ରମୁଖ ଯୋଗ ଦେଇ ଆମ୍ବେଦକର ଙ୍କ ଜୀବନୀ ଇତିହାସ, ଭାରତୀୟ ସମ୍ବିଧାନ, ଲୋକତନ୍ତ୍ର ଆଦି ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶରତ କୁମାର ପାତ୍ର, କିଶୋର ପାତ୍ର, ସୁବୋଧ କୁମାର ପାତ୍ର, ଗୁରୁ ପ୍ରସାଦ ଜେନା, ଅରବିନ୍ଦ ଜେନା ପ୍ରଭୁରାମ ଜେନା ପ୍ରମୁଖ ଯୋଗ ଦେଇ ଥିଲେ। ବରିଷ୍ଠ ସାମ୍ବାଦିକ ତଥା ସମିତି ର ଆବାହକ ପ୍ରଫୁଲ୍ଲ କୁମାର ପାତ୍ର ପ୍ରାକ ସୂଚନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୋପାଳ ଚନ୍ଦ୍ର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।



# ଆମ୍ବେଦକରଙ୍କ ୬୮ ତମ ମୃତ୍ୟୁ ଦିବସ ପାଳିତ



ବାଲିଆପାଳ , ୦୬/୧୨ (ନି.ପ୍ର): ବାଲିଆପାଳ ଆମ୍ବେଦକର କଲ୍ୟାଣ ସମିତି ପକ୍ଷରୁ ଶୁକ୍ରବାର ପାରୁଳିଆ ଛକ ଦୁର୍ଗା କଲ୍ୟାଣ ମଣ୍ଡପ ରେ ପାଳିତ ହୋଇ ଯାଇଛି। ସମିତିର ସଭାପତି ବୈଲୋଚନ ପାତ୍ରଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବ ରେ ପ୍ରାକ୍ତନ ଅଧକ୍ଷ କୁଞ୍ଜକାନ୍ତ ପାତ୍ର ମୁଖ୍ୟ ଅତିଥି , ବରିଷ୍ଠ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବାଦଲ କୁମାର ମାଝୀ, ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ସ୍ୱେଚ୍ଛାସେବୀ ସଂଗଠନ ରାହା ର ମୁଖ୍ୟ ଆରତୀ ପାତ୍ର, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀହରି ଚରଣ ମଣ୍ଡଳ, ସମାଜସେବୀ ବିଜୟ କୁମାର ଗିରି ପ୍ରମୁଖ ଯୋଗ ଦେଇ ଆମ୍ବେଦକର ଙ୍କ ଜୀବନୀ ଇତିହାସ, ଭାରତୀୟ ସମ୍ବିଧାନ, ଲୋକତନ୍ତ୍ର ଆଦି ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗୋପାଳ ମହାଳିକ, ବାବାଜୀ ପାତ୍ର, ବାବାଜୀ ଜେନା ପ୍ରମୁଖ ଯୋଗ ଦେଇ ଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ପାତ୍ର ପ୍ରାକ ସୂଚନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଜୀ ସାର୍ଥକ ଶୁଭାରମ୍ଭ କଲା ଦୁଇଟି ନୂଆ ଧାରାବାହିକ ସହ ଗୋଟିଏ ରିୟାଲିଟି ଶୋ

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଓଡିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିରେ ରଖି ଭେଟିଦିଏ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ । ସବୁଥର କାହାଣୀରେ ନୂତନତ୍ୱ ଓ ରୋମାଞ୍ଚ ଭରିଦିଏ ଜୀ ସାର୍ଥକ । ଯାହାକୁ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଦର୍ଶକେ ନିଜ ଜୀବନ ସହିତ ସଂଯୋଗ କରିପାରନ୍ତି । ଏହି କାରଣ ପାଇଁ ଏହା ସାଜିଛି ଲୋକଙ୍କର ପ୍ରଥମ ପସନ୍ଦ । ନବ ବର୍ଷର ଆଗମନରେ ଖାସ ଆପଣଙ୍କ ପାଇଁ ଜୀ ସାର୍ଥକ ନେଇ ଆସିଛି ତିନୋଟି ନୂଆ ଧାରାବାହିକ 'ଡ୍ୟାନ୍ସ ଓଡିଶା ଡ୍ୟାନ୍ସ', 'ତୁ ଖରା ମୁଁ ଛାଇ' ଓ 'ସୁନା ଝିଅ' । ଡିସେମ୍ବର ୧୪ରୁ ପ୍ରତି ଶନିବାର ଓ ରବିବାର ରାତି ୯.୩୦ ମିନିଟରେ ଦର୍ଶକ



ଦେଖିପାରିବେ 'ଡ୍ୟାନ୍ସ ଓଡିଶା ଡ୍ୟାନ୍ସ' ସୋସିଆଲ ମିଡ଼ିଆ ସୁପରଷ୍ଟାର ଡ୍ୟାନ୍ସ ଲିଗ୍ । ଚଳିତଥର କାର୍ଯ୍ୟକ୍ରମରେ ଭରି ରହିଛି ନୂତନତ୍ୱ କ୍ଷ କାର୍ଯ୍ୟକ୍ରମରେ ଭାଗ ନେବେ ଦର୍ଶକଙ୍କ ମନପସନ୍ଦର ଲୋକପ୍ରିୟ ସୋସିଆଲ ମିଡିଆ ପ୍ରଭାବଶାଳୀ କଳାକାରମାନେ । ଯାହାଙ୍କୁ ଦର୍ଶକ ପୂର୍ବରୁ ଅତି ନିକଟରୁ ଦେଖିଛନ୍ତି । ସେହିପରି 'ତୁ ଖରା ମୁଁ ଛାଇ' କାହାଣୀର ଶୁଭାରମ୍ଭ ଡିସେମ୍ବର ୧୬ ତାରିଖରୁ ହେବାକୁ ଯାଉଛି । ଯାହାକୁ ଦର୍ଶକେ ସୋମବାରରୁ ଶନିବାର ରାତି ୮.୩୦ ମିନିଟରେ କେବଳ ଜୀ ସାର୍ଥକରେ ଦେଖିବାକୁ ପାଇବେ । 'ତୁ ଖରା ମୁଁ ଛାଇ' ହେଉଛି ଭାଗ୍ୟ ଓ ମୁକ୍ତିର ଏମିତି ଏକ କାହାଣୀ ଯାହାପାଇଁ ଦୁଇଟି ବିପରୀତ ଜୀବନ ଏକତ୍ରିତ । ଅଭି ଜଣେ ଯତ୍ନଶୀଳ ଓ ସଫଳ ବ୍ୟବସାୟୀ ଯିଏ ଜଣେ ରହସ୍ୟମୟୀ ମହିଳାଙ୍କ ସ୍ୱପ୍ନରେ ରୁହନ୍ତି । ଅନ୍ୟପକ୍ଷରେ ଛୋଟ ସହରରୁ ଆସିଥିବା ଝିଅ ମାନୀ ଯାହାର ସ୍ୱପ୍ନ ରହିଛି ଅଭିନେତ୍ରୀ ହେବାର ଯାହା ପାଇଁ ସେ ବ୍ୟକ୍ତିଗତ ସ୍ତରରେ ଜାରି ରଖିଛି ସଂଘର୍ଷ । ଭାଗ୍ୟ ଦ୍ୱାରା ଉଭୟଙ୍କ ହୋଇଛି ଦେଖା । ତେବେ ମାନୀ ଓ ଅଭିଙ୍କୁ ମିଳିଥିବା ଜୀବନର ଏହି ଦ୍ୱିତୀୟ ସୁଯୋଗକୁ ସେ କେମିତି ବଞ୍ଚିବେ ? ଜାଣିବାକୁ ଦେଖନ୍ତୁ 'ତୁ ଖରା ମୁଁ ଛାଇ' । ଏହା ସହିତ ଆଉ ଏକ ନୂଆ କାହାଣୀ ରହିଛି 'ସୁନା ଝିଅ' ଯାହାର ଶୁଭାରମ୍ଭ ଡିସେମ୍ବର ୧୬ ତାରିଖରୁ ହେବାକୁ ଯାଉଛି । ଯାହାକୁ ଦର୍ଶକେ ସୋମବାରରୁ ଶନିବାର ସନ୍ଧ୍ୟା ୭.୩୦ ମିନିଟରେ ଜୀ ସାର୍ଥକରେ ଦେଖିବାକୁ ପାଇବେ । ତିନୋଟି ନୂଆ ଧାରାବାହିକର ଶୁଭାରମ୍ଭ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ହୋଇଛି । ସଭାରେ ଜୀ ସାର୍ଥକର ସମସ୍ତ କର୍ମଚାରୀ ସହିତ ଧାରାବାହିକର ଅଭିନେତା ଓ ଅଭିନେତ୍ରୀ ସାମିଲ ରହିଥିଲେ । ଏହା ସହିତ ନୂଆ ଶୁଭାରମ୍ଭ ହେବାକୁ ଥିବା ଧାରାବାହିକକୁ ଦେଖିବା ସହିତ ଭଲପାଇବା ଦେବାକୁ ଅନୁରୋଧ କରିଥିଲେ ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର୍ ଶ୍ରୀ ପ୍ରତୀକ ସିଲ୍ ।

# ଯାତ୍ରା ଦେଖିବା କାଳ ହେଲା: ଘରେ କଳାକନା ବୁଲାଇଲେ ଚୋର

କପ୍ତିପଦା, ୦୬/୧୨ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ ନୂଆସାହି ଗ୍ରାମରେ ଗୁରୁବାର ରାତ୍ରୀରେ ଡକାୟତମାନେ ଜୈନିକ ବ୍ୟକ୍ତିଙ୍କ ଘରେ କେହିନଥିବାର ସୁଯୋଗରେ ଚୋରୀ କରିଥିବାର ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ନୂଆସାହି(ବାଘମରା ଛକ) ଗ୍ରାମର ମନୋରଂଜନ ପାତ୍ର(୪୫) ଗୁରୁବାର ରାତିରେ ସପରିବାର ଘର ନିକଟରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ । ସକାଳୁ ଘରକୁ ଫେରି ଦେଖିବା ବେଳକୁ ଘରର ମୁଖ୍ୟ ତାଲା ଭଙ୍ଗା ଯାଇଛି । ଘରର ଗୋଦରେଜ୍ ଭାଙ୍ଗି ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଏକ ଲକ୍ଷ ଅଶି ହଜାର ଟଙ୍କା ଚୋରମାନେ ଲୁଟି ନେଇଛନ୍ତି । ଖବରପାଇ କପ୍ତିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଆରମ୍ଭ କରିବା ସହିତ ନିକଟସ୍ଥ ଅଞ୍ଚଳରେ ଲାଗିଥିବା ବିଭିନ୍ନ ସିସିଟିଭିଗୁଡିକ ଯାଞ୍ଚ କରୁଛି । ତେବେ ପୁଲିସର ନିଷ୍କ୍ରିୟତା ପାଇଁ କପ୍ତିପଦା ଅଞ୍ଚଳରେ ବାରମ୍ବାର ଚୋରୀ ହେଉଥିବାର ସାଧାରଣରେ ଆଲୋଚନା ହେଉଛି ।

# ଚିରୋଳ ପ୍ରାଇମେରୀ ସ୍କୁଲରୁ ଚାଉଳ ଚୋରି

ବାସୁଦେବପୁର, ୦୬/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆ ଗଡିଆ ପଞ୍ଚାୟତର ଚିରୋଳ ପ୍ରାଇମେରୀ ସ୍କୁଲରୁ ୧୫ ବସ୍ତା ଚାଉଳ ଗତ କାଲି ରାତିରେ ଚୋରି ହୋଇ ଯାଇଛି ବୋଲି ବାସୁଦେବପୁର ଥାନା ରେ ଲିଖିତ ଅଭିଯୋଗ ହୋଇଛି । ସାତ କୁଇଣ୍ଟାଲ ପଚାଶ କେ ଜି ଚାଉଳରକୁ ଚୋର ମାନେ ଚୋରି କରି ନେଇଛନ୍ତି । ଗତ କାଲି ରାତିରେ ଚୋର ମାନେ ଏକ ଅଟୋ ଗାଡ଼ି ବ୍ୟବହାର କରି ସ୍କୁଲ ଭିତରକୁ ଆଣି ଚାବି ଭାଙ୍ଗି ଚାଉଳ ଚୋରି କରି ଛନ୍ତି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ବାସୁଦେବପୁର ପୋଲିସ ପ୍ରାଥମିକ ସ୍ତରରେ ତଦନ୍ତ କରୁଛନ୍ତି । ବିଦ୍ୟାଳୟ ପରିସରରେ ଏହି ଚୋରି ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁଙ୍କୁ ମଧ ଏହି ଘଟଣା ସଂମ୍ପର୍କରେ ଜଣା ଯାଇଛି । ଚାଉଳ ଚୋରି ହେଲେ ମଧ ପିଲାମାନେ ଉପବାସରେ ରହିବେ ନାହିଁ ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ଯେମିତି ହେଉ ଆଡ୍ ଜଷ୍ଟ କରି ଖାଦ୍ୟ ଦିଆଯିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ କହିଛନ୍ତି ।

# ବଡଝାଡ ବିଦ୍ୟାଳୟରେ ମହାପରିନିର୍ବାଣ ଦିବସ ପାଳିତ



କପ୍ତିପଦା, ୦୬/୧୨ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ବଡଝାଡ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ରାଓ ଆମ୍ବେଦକରଙ୍କ ଶ୍ରାଦ୍ଧ ଦିବସ (ମହାପରିନିର୍ବାଣ ଦିବସ)କୁ ଶିକ୍ଷକ ସନ୍ତୋ କୁମାର ସାହୁଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ପ୍ରଥମେ ଡ. ଆମ୍ବେଦକରଙ୍କ ଫଟୋଚିତ୍ରରେ ଧୂପ,ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଆମ୍ବେଦକର ଜଣେ ଆଇନଜ୍ଞ, ସମାଜ ସଂସ୍କାରକ, ଅର୍ଥନୀତିଜ୍ଞ ଓ ରାଜନୈତିକ ବ୍ୟକ୍ତି ଥିଲେ । ଯିଏକି ଦେଶ ସ୍ୱାଧୀନ ହେବାପରେ ଜବାହରଲାଲ ନେହେରୁଙ୍କ ପ୍ରଥମ କ୍ୟାବିନେଟରେ ନ୍ୟାୟ ଓ ଆଇନମନ୍ତ୍ରୀ ଥିଲେ । ଶିକ୍ଷୟତ୍ରୀ ସରସ୍ୱତୀ ହାଁସଦା ଓ ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ ଆମ୍ବେଦକରଙ୍କ ତ୍ୟାଗପୂତ ଜୀବନ ସଂପର୍କରେ ଶିକ୍ଷାର୍ଥୀଙ୍କୁ ସୂଚନା ଦେଇଥିଲେ ।

# ଲୁଟ୍ ମାମଲାରେ ୨ ଅଭିଯୁକ୍ତଙ୍କୁ ତିନିବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, ୦୬/୧୨ (ନି.ପ୍ର): କେନ୍ଦୁଝର ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତର ମାନ୍ୟବର ବିଚାରପତି ସୁମିତ୍ରା କୁମାରୀ ଦାଶ ଆଜି ଏକ ଲୁଟପାଟ ମାମଲାର ବିଚାର କରି ଅଭିଯୁକ୍ତ ଆଡେଲ ଏସୁ ଓ ଆଭଲ ମାଲିଙ୍ଗା ନାମକ ଦୁଇଜଣ ଆସାମୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଲେଖାଁଏ ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଗତ ୨୧।୧।୨୦୨୪ ରିଖ ଦିନ ୨ଟା ୩୦ ମିନିଟ ସମୟରେ ଚିକିଣିଆ ଗ୍ରାମର ବନମାଳୀ ନାଏକ ତାଙ୍କ ଶାଶୁ ଓ ସ୍ତ୍ରୀଙ୍କ ସହିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ପିପିଲିଆ ଶାଖାରୁ ଶାଶୁଙ୍କ ଆକାଉଂଟରୁ ଟ ୫୧୫୦୦/- ଙ୍କା ଉଠାଇ ଏକ ମୋଟର ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଚିକିଣିଆ ଗ୍ରାମ ପାଖରେ ଆସାମୀ ଦୁଇ ଜଣ ଏକ ଆପାଚି ମୋଟର ସାଇକେଲରେ ଆସି ତାଙ୍କ ଶାଶୁ ପାଖରୁ ଟଙ୍କା ଭର୍ତ୍ତି ବ୍ୟାଗ୍ଟି ଛଡାଇ ନେଇ ପଳାଇଥିଲେ । ଉପରୋକ୍ତ ଘଟଣାକୁ ନେଇ ବନମାଳୀ ନାଏକ ଘଟଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଘଟଗାଁ ପୋଲିସ ଥାନା କେଶ ନଂ ୭୮/୨୪ ଦଫା ୩୯୨/୩୪ ଭାରତୀୟ ପିଙ୍ଗଳକୋଡ ଧାରାରେ ମାମଲା ରୁଜୁ କରି ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରିଥିଲା । ମାନ୍ୟବର ବିଚାରପତି ସୁମିତ୍ରା କୁମାରୀ ଦାଶ ୯ ଜଣ ସାକ୍ଷୀଙ୍କ ଜମାନବନ୍ଦୀକୁ ଭିତ୍ତି କରି ଆସାମୀ ଦ୍ୱୟଙ୍କୁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଲେଖାଁଏ ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଏପିପି ହିମାଂଶୁ ଶେଖର ମହାନ୍ତି ଓ ସତ୍ୟବ୍ରତ ମହାନ୍ତି ମକଦ୍ଦମା ପରିଚାଳନା କରୁଥିଲେ ।

# ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ବନ୍ଦ ହେଉ ଦାବିରେ ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଲେଶ୍ୱର, ୦୬/୧୨ (ନି.ପ୍ର): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ଉପରେ କଠୋରପନ୍ଥୀ ଇସ୍ଲାମିକ ଗ୍ରୁପ ଦ୍ୱାରା ଚାଲିଥିବା ବର୍ବରଚିତ୍ତ ଆକ୍ରମଣ ବନ୍ଦ ହେଉ। ହିନ୍ଦୁଙ୍କ ହିତ ଲାଗି ସ୍ୱର ଉତ୍ତୋଳନ କରୁଥିବା ବାଂଲାଦେଶ ଇସ୍କନ ମୁଖ୍ୟ ଚିନ୍ମୟ ପ୍ରଭୁଙ୍କୁ ମିଥ୍ୟା ଆରୋପରେ ଗିରଫଦାରି ଅତ୍ୟନ୍ତ ନିନ୍ଦନୀୟ। ଆଜି ଆମଠାରୁ ମାତ୍ର ୫୦୦କିମି ଦୂର ଢାକାରେ ହିନ୍ଦୁଙ୍କ ଉପରେ ଏମିତି ଅତ୍ୟାଚାର କରାଯାଉଛି। କାଲି ଏଠାକାର ହିନ୍ଦୁଙ୍କ ଉପରେ ଏମିତି ନ ଘଟିବ ବୋଲି ତାର କିଛି ଗ୍ୟାରେଣ୍ଟି ନାହିଁ। ତେଣୁ ସମୟର ଆହ୍ୱାନ କ୍ରମେ ସମସ୍ତ ହିନ୍ଦୁ ସମାଜ ଏକାଠି ହେବାର ସମୟ ଆସିଛି। ଏହା ସହ ଭାରତ ସରକାର ମଧ ଏ ବିଷୟକୁ ଗୁରୁତର



ସହ ବିଚାରକୁ ନେଇ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଦିଆ ଦାବିରେ ତିନୋଟି ମୁଖ୍ୟ ଦାବି ରହିଛି: ୧. ଚିନ୍ମୟ କୃଷ୍ଣ ଦାସଙ୍କ ଅବିଳମ୍ବ ମୁକ୍ତି। ୨. ହିନ୍ଦୁ ସମ୍ପ୍ରଦାୟ ଉପରେ ଆକ୍ରମଣ କରୁଥିବା ବ୍ୟକ୍ତିମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ। ୩. ବାଂଲାଦେଶରେ ଅଲ୍ପସଂଖ୍ୟକଙ୍କ ମନାବିକ ଅଧିକାର ସୁନିଶ୍ଚିତ କରିବା। ଶୁକ୍ରବାର ହିନ୍ଦୁ ସୁରକ୍ଷା ମଞ୍ଚ ବାଲେଶ୍ୱର ଶାଖାର ହଜାର ହଜାର ମହିଳା ଏବଂ ପୁରୁଷ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏକ ବିଶାଳ ବିକ୍ଷୋଭ ଓ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ କରାଯାଇ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସ୍ଥାନୀୟ ମିଶନ ସ୍କୁଲ ପଡିଆରୁ ଏହି ଶୋଭାଯାତ୍ରା ବାହାରି ଏଡିଏମ ଛକ, ଷ୍ଟେସନ ଛକ, ଫକୀରମୋହନ ଗୋଲେଇ, ଫାଣ୍ଡି ଛକ ଓ କଚେରୀ ଛକ ଦେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚର କାର୍ଯ୍ୟକର୍ତ୍ତା ସନ୍ଥ ହିମଗିରୀ ପ୍ରଭୁ, ବିଷ୍ଣୁମୋହନ ପଣ୍ଡା, ପର୍ଶୁରାମ ପରିଡ଼ା, ରଶ୍ମିରଞ୍ଜନ ଦାସ, ଶୁଭ୍ର ସମ୍ବିତ ନାୟକ, ଅଦୈତ୍ୟ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ ଦୁର୍ଗାମାଧବ ରଥ ସଭା ସଭା ସଂଚାଳନ କରିଥିଲେ। ପରେ ମଞ୍ଚର କାର୍ଯ୍ୟକର୍ତ୍ତାଙ୍କ ଏକ ପ୍ରତିନିଧି ଦଳ ଶ୍ୟାମାନନ୍ଦ ପ୍ରଭୁ, ବିଷ୍ଣୁମୋହନ ପଣ୍ଡା, ଉମାକାନ୍ତ ମହାପାତ୍ର, ଶ୍ରୀନିବାସ ପ୍ରଧାନ, ପ୍ରଭଞ୍ଜନ ପାଢ଼ୀ, ବିଜୟ କୁମାର ଦାସ, ହେରେକୃଷ୍ଣ ଗିରି, ଅଦୈତ୍ୟ ଦାସ, ରଶ୍ମିରଞ୍ଜନ ଦାସ, ଶୁଭ୍ର ସମ୍ବିତ ନାୟକ, ରଶ୍ମିରଞ୍ଜନ ଶତପଥି ଓ ଦୁର୍ଗାମାଧବ ରଥ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।

# ଚାରି ପ୍ରହରୀ ନାମ ସଂକୀର୍ତ୍ତନ ଓ ମହୋତ୍ସବ

ବାଲିଆପାଳ , ୦୬/୧୨ (ନି.ପ୍ର): ବାଲିଆପାଳ ବ୍ଲକ ସାଉଡି ପଞ୍ଚାୟତ ବିଶିକା ଦେଇପୁର ଗ୍ରାମରେ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଚାରି ପ୍ରହରୀ ହରି ନାମ ସଂକୀର୍ତ୍ତନ ଓ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିପାଇଁ ପ୍ରାତଃରୁ ଗୌରାଙ୍ଗ ମହାପ୍ରଭୁଙ୍କ ପୂଜା ଅର୍ଚ୍ଚନା, ଆରତୀ, ସଂକୀର୍ତ୍ତନ ଆରମ୍ଭ ହୋଇ ଚାରି ପ୍ରହର ପର୍ଯ୍ୟନ୍ତ ଚାଲିଥିଲା। ପ୍ରଭାସ ମଲ୍ଲିକ, ଚୈତନ୍ୟ ମଲ୍ଲିକ ତଥା ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ। କମିଟି ତରଫରୁ



ପ୍ରତିଦିନ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସଂକୀର୍ତ୍ତନ ଦଳରେ ମହିଳା ମାନଙ୍କ ପାରମ୍ପରିକ ନୃତ୍ୟ ପରିବେଷଣ ପରିବେଶକୁ ଖୁବ ମନୋଜ୍ଞ କରିଥିଲା। ସଂକୀର୍ତ୍ତନ ଓ ମହୋତ୍ସବ ସକାଶେ ପ୍ରବଳ ଜନ ଗହଳି ହୋଇଥିଲା।

# ପାରାଦ୍ୱୀପଠାରେ ଭାରତୀୟ ତଟରକ୍ଷକ ବାହିନୀର ଅତ୍ୟାଧୁନିକ ଜାହାଜ ସହାୟତା ପ୍ରତିଷ୍ଠାନ ସ୍ଥାପନା



ପାରାଦ୍ୱୀପ, ୦୬/୧୨ (ନି.ପ୍ର): ଭାରତୀୟ ତଟ ରକ୍ଷକ (ଆଇସିଜି) ପକ୍ଷରୁ ଆଜି ପାରାଦ୍ୱୀପ ଠାରେ ଏକ ନୂତନ ଜାହାଜ ସହାୟତା ପ୍ରତିଷ୍ଠାନର ସ୍ଥାପନ କରି ଏକ ଗୁରୁତ୍ୱପୂର୍ଣ୍ଣ କୀର୍ତ୍ତିମାନ ହାସଲ କରିଛି। ଏହି ଅତ୍ୟାଧୁନିକ ପ୍ରତିଷ୍ଠାନରେ ତଟରକ୍ଷକ ସାମଗ୍ରୀ ଭଣ୍ଡାର , ତଟରକ୍ଷକ ଜାହାଜ ମରାମତି ଦଳ ଓ ତଟ ରକ୍ଷକ ଜାହାଜ ସହାୟତା ଅନୁଷ୍ଠାନ ଅନ୍ତର୍ଭୁକ୍ତ ଅଟେ। ଏହାକୁ, ତଟରକ୍ଷୀ ବାହିନୀ (ଉତ୍ତର ପୂର୍ବ)ର କ୍ଷେତ୍ରୀୟ କମାଣ୍ଡରଙ୍କ ଦ୍ୱାରା ଉଦ୍ ?ଘାଟନ କରାଯାଇଛି। ଏହି କେନ୍ଦ୍ରର ସ୍ଥାପନା ଭାରତୀୟ ତଟରକ୍ଷକର କାର୍ଯ୍ୟକ୍ଷମତାକୁ ଏବଂ ଆତ୍ମନିର୍ଭରତାକୁ ଉତ୍ତୋଳନ କରିବା ସହ ପ୍ରତିବଦ୍ଧତାକୁ ପ୍ରତିପାଦନ କରିବ। ଏହା ତଟରକ୍ଷୀ ବାହିନୀର ଜାହାଜ ପାଇଁ ମରାମତି, ରିଫିଟ୍ ଏବଂ ଦୈନନ୍ଦିନ ସାମଗ୍ରୀର ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିବ। ଉଦ୍ ?ଘାଟନ ସମାରୋହରେ, ତଟରକ୍ଷୀ ବାହିନୀ (ଉତ୍ତର ପୂର୍ବ)ର କ୍ଷେତ୍ରୀୟ କମାଣ୍ଡର ପାରାଦ୍ୱୀପର ଯୌକ୍ତିକ ମହତ୍ତ୍ୱକୁ ଏକ ପ୍ରମୁଖ ସାମୁଦ୍ରିକ କେନ୍ଦ୍ର ଭାବେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଏହି ଜାହାଜ ସହାୟତା ପ୍ରତିଷ୍ଠାନର ସୁବିଧା ଭାରତୀୟ ତଟରକ୍ଷକର କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବା ସହିତ ଉତ୍ତର-ପୂର୍ବ ସମୁଦ୍ରତଟରେ ସାମୁଦ୍ରିକ ସୁରକ୍ଷା ବୃଦ୍ଧି ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ବହନ କରିବ।

# ସାମ୍ବାଦିକଙ୍କ ସୁରକ୍ଷା ନେଇ ଏସପିଙ୍କୁ ଭେଟିଲା: ଓୟୁଜେ

ବାଲେଶ୍ୱର, ୦୬/୧୨ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ,ଡିଜିଟାଲ ଆରେଷ୍ଟ ଓ ସାମ୍ବାଦିକ ମାନଙ୍କ ସୁରକ୍ଷା ପ୍ରସଙ୍ଗରେ ବିସ୍ତୃତ ଭାବେ ଜିଲ୍ଲା ଏସ ପି ରାଜ ପ୍ରସାଦଙ୍କ ସହ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘର ମୁଖପତ୍ର ଆହ୍ୱାନ କୁ ଏସପି ରାଜ ପ୍ରସାଦଙ୍କୁ ପ୍ରଦାନ କରାଯାଇଥିଲା। ଡିଜିଟାଲ ଅପରାଧ ସମ୍ପର୍କରେ ଓୟୁଜେ ପକ୍ଷରୁ ପୂର୍ବରୁ ଏକାଧିକ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜିଲ୍ଲାର ଖଇରା ,ଜଳେଶ୍ୱର, ଓ ବାଲେଶ୍ୱର ଠାରେ କରାଯାଉଥିବା ଏସ ପି ଙ୍କୁ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ସଙ୍ଘ ପକ୍ଷରୁ



ଏଭଳି ମହତ କାର୍ଯ୍ୟକୁ ଏସ ପି ଶ୍ରୀ ପ୍ରସାଦ ପ୍ରଶଂସା କରିଥିଲେ।ଏକ ଦାୟିତ୍ୱ ସମ୍ପନ୍ନ ସାମ୍ବାଦିକ ସଂଗଠନ ଭାବେ ଏହି କାର୍ଯ୍ୟ ଓୟୁଜେ କରୁଥିବାରୁ ସେ ସମସ୍ତ ସଦସ୍ୟଙ୍କ ମିଳିତ ସହଯୋଗକୁ ଧନ୍ୟବାଦ ଜଣାଇଥିଲେ। ପୂର୍ବରୁ ସଂଘର ଦ୍ୱି ବାର୍ଷିକ ସମ୍ମିଳନୀ ର ଆୟବ୍ୟୟ ହିସାବ,ଓୟୁଜେ ର ପ୍ରତିଷ୍ଠା ଦିବସରେ ଯୋଗଦାନ, ସଂଘର ସଦସ୍ୟତା ସଂଗ୍ରହର ଅଗ୍ରଗତି, ଜଗନ୍ନାଥ ଦର୍ଶନ, ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ସଂଗଠନ ସଂପାଦକ ରବୀନ୍ଦ୍ର କୁମାର ମହାକୁଡ଼୍, କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ଉପସଭାପତି ଉତ୍କଳ ବନ୍ଧୁ ପଣ୍ଡା, ଅରୂପ ଦାସ, ସୋମନାଥ ସାହୁ,ନୀଳାମ୍ବର ପଣ୍ଡା, ବିଶ୍ୱରଂଜନ ମହାପାତ୍ର, କହ୍ନେଇ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo